RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -243 ସଂଖ୍ୟା-୨୪୩
ଭୁବନେଶ୍ୱର, ଗୁରୁବାର ୧୧ ଡିସେମ୍ବର ୨୦୨୫
Bhubaneswar, Thursday 11 December, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ ଫିଲଡ଼ ରାସ୍ତା



ଭୁବନେଶ୍ୱର,୯।୧୨(ନି.ପ୍ର): ରାଜ୍ୟରେ ଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିଛି ।

ନୂଆ ।ଦିଲ୍ଲୀ ଗସ୍ତରେ ଥିବା ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆ ।ଜି କେନ୍ଦ୍ର ମନ୍ତ୍ରୀ, ସଡ଼କ ପରିବହନ ଓ ରାଜମାର୍ଗ ନିତିନ ଗଡ଼କରିଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆ ।ଲୋଚନା କରିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆର୍ଅ ।ଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି । ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁଇଁତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି । ସେହିପରି ୪୦୦ କିଲୋମିଟର ଦୀର୍ଘ ରାଉରକେଲା-ବଡବିଲ୍-ପାରାଦୀପ ଭାୟା ଡୁବୁରି ରାସ୍ତାକୁ ୮ ଲେନ କରିବା ପାଇଁ ଏବଂ ଏନ୍.ଏଚ୍-୧୪୯ ଅଧିନରେ ଥିବା ୬୮ କିଲୋମିଟର ଦୀର୍ଘ ପାଲଲହଡ଼ା-ପିଟିରି ରାସ୍ତାକୁ ୪ ଲେନ୍ କରିବା ପାଇଁ କେନ୍ଦ୍ର ସରକାରଙ୍କ ଅନୁମୋଦନ ମିଳିଛି ।

ଅନ୍ୟପକ୍ଷରେ ୨୦୨୫ ନଭେମ୍ବର ୭ରୁ ୧୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଅନୁଷ୍ଠିତ ଇଣ୍ଡିଆନ୍ ରୋଡ୍ କଂଗ୍ରେସ ଅବସରରେ ସଡ଼କ ପରିବହନ ଓ ଜାତୀୟ ରାଜମାର୍ଗ ମନ୍ତ୍ରାଳୟର ମନ୍ତ୍ରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫୦୦ କୋଟି ଟଙ୍କା ସିଆର୍ଆଇଏଫ୍ ଯୋଜନା ଅଧିନରେ ଅନୁମୋଦନ ମିଳିଛି ।

ସେହିପରି ୫ଟି ରାଜ୍ୟ ରାଜପଥ ପ୍ରକଳ୍ପର ଉନ୍ନତିକରଣ ଓ ପ୍ରଶସ୍ତିକରଣ ପାଇଁ ୧୩,୧୪୧ କୋଟି ଟଙ୍କାର ଅନୁମୋଦନ ମିଳିଛି । ଏଥିରେ ବରପାଲି-ବଲାଙ୍ଗିର ରାସ୍ତା ଓ କେସିଙ୍ଗା - ଭବାନୀପାଟଣା - ଜୁନାଗଡ଼ ରାସ୍ତାକୁ ୪ ଲେନ୍ କରିବା, ୪ ଲେନ୍‌ବିଶିଷ୍ଟ ବଲାଙ୍ଗିର-ନୟାଗଡ଼ ରାସ୍ତା, ହିଞ୍ଜିଳିକାଟୁ ବାଇପାସ ରାସ୍ତା ସହ ବ୍ରହ୍ମପୁରରୁ କାଳୁଷଣ୍ଡପୁର ରାସ୍ତାକୁ ୪ ଲେନ୍ କରିବା ଏବଂ ମୋହନାରୁ ପାରଳାଖେମୁଣ୍ଡି ରାସ୍ତାର ଉନ୍ନତିକରଣ ସହ ଏନ୍‌ଏଚ୍-୨୬ର ପ୍ରଶସ୍ତିକରଣକୁ ଅନୁମୋଦନ ମିଳିଛି ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରରୁ ପାରାଦୀପ ସିଧାସଳଖ ନୂଆ ଗ୍ରୀନ ଫିଲଡ଼ ରାସ୍ତା ନିର୍ମାଣ ନେଇ ସଫଳ ଆଲୋଚନା ହୋଇଛି । ଆଗାମୀ ଦିନରେ ପାରାଦ୍ୱୀପ ସହର ପରିସର ଯଥେଷ୍ଟ ବୃଦ୍ଧି ପାଇବାକୁ ଥିବାବେଳେ ପ୍ରମୁଖ ବନ୍ଦର ସହରକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡିବା ପାଇଁ ଏହି ଗ୍ରୀନଫିଲଡ ରାସ୍ତା ବେଶ ସହାୟକ ହୋଇପାରିବ ବୋଲି ମନ୍ତ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି । ଆଜିର ବୈଠକରେ ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ଇଅ ।ଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଏଲ. କେ ପାଢ଼ୀ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏ.ଡି.ଜି. ଅତୁଲ କୁମାର ଏବଂ ଜାତୀୟ ରାଜପଥ ପ୍ରାଧିକରଣ ସଦସ୍ୟ ଶ୍ରୀ ବିପନେଶ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ ।

## ମହାନଦୀ ସମାଧାନ ପାଇଁ କମିଟି

ଭୁବନେଶ୍ୱର, ୧୦।୧୨(ନିପ୍ର): ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି, ଏବଂ ମହାନଦୀ ଜଳ ବିଷୟର ଜଟିଳତା ଓ ଭାବପ୍ରବଣତାର ଗୁରୁତ୍ୱକୁ ମନେକରି, ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ଗଠନ କରାଯାଇଛି । ଏଥିରେ ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ବିଧାୟିକା ସୋଫିଆ ଫିର୍ଦ୍ଦୌସ ରହିଛନ୍ତି ।

# ୟୁନେସ୍କୋ ତାଲିକାରେ ଦୀପାବଳି

ନୂଆଦିଲ୍ଲୀ, ୧୦।୧୨(ନି.ପ୍ର.): ଭାରତର ସର୍ବବୃହତ ସାଂସ୍କୃତିକ ଉତ୍ସବ, ଦୀପାବଳିକୁ ୟୁନେସ୍କୋରେ ସାମିଲ କରାଯାଇଛି । ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ପାଇଲା ଆଲୋକର ପର୍ବ ଦୀପାବଳି । ବର୍ତ୍ତମାନ ଦିଲ୍ଲୀର ଲାଲକିଲ୍ଲାରେ ୟୁନେସ୍କୋର ଆନ୍ତଃସରକାରୀ କମିଟିର ୨୦ତମ ଅଧିବେଶନ ଅନୁଷ୍ଠିତ ହେଉଛି । ଆଜି ସେଠାରୁ ଏହି ଘୋଷଣା ହୋଇଛି । ଏହା ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏହା ପ୍ରଥମ ଥର ପାଇଁ ଦେଶ ୟୁନେସ୍କୋ ବୈଠକ ଆୟୋଜନ କରିଛି । ଭାରତର ଏକ ସାଂସ୍କୃତିକ ପ୍ରତୀକ ଦୀପାବଳି ଏବେ ୟୁନେସ୍କୋର ଅଂଶ ହୋଇଯାଇଛି ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ ସେୟାର କରି ନିଜର ଖୁସି ପ୍ରକାଶ କରିଛନ୍ତି । ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ଦୀପାବଳି ଆମ ସଂସ୍କୃତି ଏବଂ ନୀତି ସହିତ ଘନିଷ୍ଠ ଭାବରେ ଜଡିତ । ଏହା ଆମ ସଭ୍ୟତାର ଆତ୍ମା । ଏହା ଜ୍ଞାନ ଏବଂ ଧର୍ମର ପ୍ରତୀକ । ୟୁନେସ୍କୋର ଅମୁଲ୍ୟ ଐତିହ୍ୟ ତାଲିକାର ଏକ ଅଂଶ ହୋଇ, ଦୀପାବଳି ବିଶ୍ୱବ୍ୟାପୀ ଆହୁରି ଅଧିକ ଲୋକପ୍ରିୟତା ହାସଲ କରିବ । ମୁଁ ଆଶା କରୁଛି ଯେ ପ୍ରଭୁ ଶ୍ରୀ ରାମଙ୍କ ଆଦର୍ଶ ଏହି ଅନନ୍ତ ପଥରେ ଆମକୁ ମାର୍ଗଦର୍ଶନ କରିଚାଲିବ । ତେବେ ୟୁନେସ୍କୋର ଏହି ବୈଠକ ଡିସେମ୍ବର ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ୟୁନେସ୍କୋ ଆଇସିଏଚ୍ ତାଲିକାରେ ସଂଶୋଧନ କରି ଦୀପାବଳିକୁ ଅନ୍ତର୍ଭୁକ୍ତ କରିବା ମାତ୍ରେ, ସବୁଠିବନ୍ଦେ ମାତରମ୍ ଏବଂ ଭାରତ ମାତା କି ଜୟ ଧ୍ୱନି ଗୁଞ୍ଜରିତ ହୋଇଛି । ୟୁନେସ୍କୋ ବର୍ତ୍ତମାନ୍ ପର୍ଯ୍ୟନ୍ତ ୧୫ଟି ଭାରତୀୟ ସାଂସ୍କୃତିକ ଐତିହ୍ୟ ସ୍ଥାନକୁ ସାଂସ୍କୃତିକ ତାଲିକାରେ ଅନ୍ତର୍ଭୁକ୍ତ କରିଛି । କୁମ୍ଭମେଳା, ବଙ୍ଗଳାର ଦୁର୍ଗା ପୂଜା, ଗୁଜୁରାଟରେ ଗରବା, ଯୋଗ, ରାମଲୀଳା ଏବଂ ବୈଦିକ ମନ୍ତ୍ର ଉଚ୍ଚାରଣ ଅନ୍ତର୍ଭୁକ୍ତ । ରାମାୟଣର ପାରମ୍ପରିକ ପ୍ରଦର୍ଶନ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି ।

# ସୋନିଆଙ୍କୁ ଚିଠି ଲେଖିଲେ ମୋକିମ

ଭୁବନେଶ୍ୱର, ୧୦।୧୨(ନି.ପ୍ର.): ରାଜ୍ୟସଭା ସାଂସଦ ତଥା କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ କଟକ-ବାରବାଟୀରୁ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଚିଠି ଲେଖିଛନ୍ତି । ଏହି ଚିଠିରେ ସେ ଓଡିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱ ନେଇ ପରୋକ୍ଷରେ ପ୍ରଶ୍ନ ଉଠାଇଛନ୍ତି । ଏଥି ସହିତ ଦଳର ନେତୃତ୍ୱର ନବୀକରଣ କରାଯାଉ ବୋଲି ଦାବି କରିଛନ୍ତି । ଓଡ଼ିଶା କଂଗ୍ରେସର ପୁନରୁଦ୍ଧାର ଓ ପୁନର୍ଜୀବିତ କରାଗଲେ ଭବିଷ୍ୟତ ମଜବୁତ ହେବ ବୋଲି ମଧ୍ୟ କହିଛନ୍ତି ।





ବରିଷ୍ଠ ନେତା କହିଛନ୍ତି, ଦୀର୍ଘ ଦିନ ହେଲା ଭାରତୀୟ ଜାତୀୟ କଂଗ୍ରେସ ପାଇଁ କାମ କରୁଛି । କଂଗ୍ରେସ ସହିତ ମୋର ପରିବାର କାମ କରିବା ନୂଆ କଥା ନୁହେଁ । ମୋର ଜେଜେବାପାଙ୍କର ବାପା ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ, ଯିଏକି ସ୍ୱାଧୀନତା ସଂଗ୍ରାମର କଷ୍ଟ ଜାଣିଥିଲେ । ମୋର ବଡ ଭାଇ ଯିଏ କି ୪୨ ବର୍ଷ ବୟସରେ ପରଲୋକ ଗମନ କରିଥିଲେ, ସେ ମଧ୍ୟ ତାଙ୍କ ଜୀବନକୁ କଂଗ୍ରେସ ସହିତ ଯୋଡିଥିଲେ । ଶେଷ ନିଃଶ୍ୱାସ ନେବା ଯାଏଁ କଂଗ୍ରେସ ପାଇଁ କାମ କରିଥିଲେ ।

ମୋର ପରିବାରର ପୂର୍ବଜଙ୍କ ଉତ୍ସର୍ଗ ଏବଂ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ମଧ୍ୟ କଂଗ୍ରେସ ପାଇଁ କାମ କରୁଛି । ଜିଲ୍ଲା ସଭାପତି, ପିସିସିର କୋଷାଧ୍ୟକ୍ଷ ଏବଂ ବାରବାଟୀ-କଟକ ବିଧାୟକ ଭାବେ ମୁଁ ମୋର ଜୀବନକୁ ପୂରା କଂଗ୍ରେସ ପାଇଁ ଦେଇଛି । ଦୀର୍ଘ ୩୫ ବର୍ଷ ପରେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀ ୨୦୧୯ରେ ପୁଣି ଥରେ କଂଗ୍ରେସ ପାଖକୁ ଫେରି ଆସିଛି ବୋଲି ମୋକିମ୍ କହିଛନ୍ତି ।

ମହମ୍ମଦ ମୋକିମ କହିଛନ୍ତି, ୨୦୨୪ରୁ ମୋ ଝିଅ ସୋଫିଆ ଫିର୍ଦୋସ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଅଛନ୍ତି । ତାଙ୍କର ବିଜୟ ଐତିହାସିକ ଥିଲା । ସେହି ସମୟରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ଘନଘନ ପ୍ରଚାର ସତ୍ତ୍ୱେ ବାରବାଟୀ-କଟକ ଆସନକୁ କଂଗ୍ରେସ ହାତରୁ କେହି ଛଡାଇ ନେଇପାରି ନାହାନ୍ତି । ଏହା ଥିଲା ଲୋକଙ୍କର ଅପୂର୍ବ ବିଶ୍ୱାସର ଫଳ । ଆମେ ତୃଣମୂଳସ୍ତରରେ ଲୋକଙ୍କ ପାଇଁ କାମ କରିଛୁ ।

## ନିବେଶ କରିବ ମାଇକ୍ରୋସଫ୍ଟ

ନୂଆଦିଲ୍ଲୀ, ୧୦।୧୨(ନି.ପ୍ର.): ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା କହିଛନ୍ତି ଯେ, ସେ ଭାରତରେ ଡାଟା ସେଣ୍ଟର ସ୍ଥାପନ କରୁଥିବା କମ୍ପାନୀ ଗୁଡିକର କ୍ଷମତା ବିଷୟରେ ଜାଣି ଉତ୍ସାହିତ ଏବଂ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ନିବେଶ ଯୋଜନା ବିଷୟରେ ଆଲୋଚନା କରିଛନ୍ତି ।ଭାରତରେ ୧୭.୫ ବିଲିୟନ ଡଲାର ନିବେଶ କରିବ ମାଇକ୍ରୋସଫ୍ଟ । କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ସତ୍ୟ ନାଡେଲା ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି । ସେ ଏହାକୁ ଏସିଆ ମହାଦେଶରେ କମ୍ପାନୀର ସର୍ବବୃହତ ନିବେଶ ବୋଲି କହିଛନ୍ତି । ଶ୍ରୀ ନାଡେଲା ୨୦୩୦ ସୁଦ୍ଧା ଦେଶର ଏଆଇ-ଫାର୍ଷ୍ଟ-ଫ୍ୟୁଚର ପାଇଁ ଭିତ୍ତିଭୂମି ଏବଂ ସାର୍ବଭୌମ କ୍ଷମତା ନିର୍ମାଣରେ ସାହାଯ୍ୟ କରିବା ପାଇଁ ୧୭.୫ ବିଲିୟନ ଡଲାର ନିବେଶ ଘୋଷଣା କରିଛନ୍ତି ।

# ଏସ୍‌ଆଇ ନିଯୁକ୍ତି ମାମଲା : ସିବିଆଇ ପଞ୍ଝାରେ ବିହାରର ନୀତୀଶ କୁମାର

ଭୁବନେଶ୍ୱର, ୧୦।୧୨(ନି.ପ୍ର.): ପୁଲିସ ଏସ୍‌ଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବିହାରରୁ ଜଣେ ଅଭିଯୁକ୍ତକୁ ଉଠାଇ ଆଣି ଭୁବନେଶ୍ୱରରେ ଜେରା କରୁଛି । ଭୁବନେଶ୍ୱରର ସିବିଆଇ କାର୍ଯ୍ୟାଳୟରେ ନୀତୀଶ କୁମାରକୁ ଝାଳବୁହା ଜେରା ଚାଲିଛି । ବଛାବଛା ଅଧିକାରୀ ତାକୁ ଜେରା କରୁଛନ୍ତି । ସେ ପ୍ରାୟ ୬୦୦ ପରୀକ୍ଷାର୍ଥୀଙ୍କୁ ଟ୍ରେନିଂ ଦେଇଥିଲା ବୋଲି ଜଣାଯିବା ପରେ ସିବିଆଇ ନୀତୀଶ କୁମାରକୁ ଧରିଥିଲା । ନୀତୀଶଘଟଣାର ମାଷ୍ଟର ମାଇଣ୍ଡ ବିରଞ୍ଚି ନାୟକର ଅନ୍ୟତମ ସହଯୋଗୀ ।

ଇତିମଧ୍ୟରେ ସିବିଆଇ ଅଧିକାରୀମାନେ ୪ ଜଣ ଆଶାୟୀ ପରୀକ୍ଷାର୍ଥୀଙ୍କୁ ମାରାଥନ୍ ଜେରା କରିଛନ୍ତି । ସିବିଆଇର ଅଧିକାରୀମାନେ ସେମାନଙ୍କୁ ମୁହାଁମୁହିଁ ଜେରା କରିଥିଲେ । ରାକେଟ୍ ସମ୍ପର୍କରେ ସିବିଆଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଛି । ୮ ଘଣ୍ଟା ଜେରା ପରେ ସିବିଆଇ ସେମାନଙ୍କୁ ଛାଡିଥିଲା । ତେବେ ସିବିଆଇ ପକ୍ଷରୁ ୧୦ ଜଣଙ୍କୁ ସମନ କରାଯାଇଥିବା ବେଳେ ଆଜି ୪ ଜଣ ହାଜର ହୋଇଥିଲେ । ପରେ ଅନ୍ୟମାନେ ସିବିଆଇରେ ହାଜର ହୋଇଥିଲେ । ପୁଲିସ ଏସ୍‌ଆଇ ପରୀକ୍ଷା ପରିଚାଳନା ଲାଗି କୋଲକାତାର ଆଇଟିଆଇ ସଂସ୍ଥାକୁ ଟେଣ୍ଡର ମିଳିଥିଲା । ପରେ ଏହି ସଂସ୍ଥା ହାଇଦ୍ରାବାଦର ସିଲିକନ୍ ଟେକ୍ଲାବ୍ ପ୍ରାଇଭେଟ୍ ଲିମିଟେଡ୍ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରିଥିଲା । ସିଲିକନ୍ ଏହାକୁ ସବ୍‌ଲେଟ୍‌ରେ ବ୍ରହ୍ମପୁରର ପଞ୍ଚସଫ୍ଟକୁ ଦେଇଥିଲା । ସେଣ୍ଟର ତଦାରଖଠାରୁ ଆରମ୍ଭ କରି ପରୀକ୍ଷା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ପଞ୍ଚସଫ୍ଟକୁ ମିଳିଥିଲା । ପଞ୍ଚସଫ୍ଟକୁ ଦାୟିତ୍ୱ ମିଳିବା ପରେ ସଂସ୍ଥାର ନିର୍ଦ୍ଦେଶକ ଶଙ୍କର ପ୍ରୁଷ୍ଟି କେଲେଙ୍କାରୀ ଯୋଜନା କରିଥିଲେ । ଏହି ଅପରାଧ ସିଣ୍ଡିକେଟ୍‌ରେ ଦକ୍ଷିଣ ଓଡ଼ିଶାକୁ ମୁନା ମହାନ୍ତି ଓ ଉତ୍ତର ଓଡ଼ିଶାକୁ ଅରବିନ୍ଦ ଦାସ ସମ୍ଭାଳୁଥିଲା ।

ଏମାନଙ୍କ ଅଧୀନରେ ୧୦ ଜଣ ଲେଖାଏଁ ଏଜେଣ୍ଟ ଥିଲେ । ସେମାନେ ଆଶାୟୀ ପ୍ରାର୍ଥୀଙ୍କୁ ଯୋଗାଡ଼ କରୁଥିଲେ । ଆଶାୟୀଙ୍କଠାରୁ ମୁନା ଆଗୁଆ ମୂଳ ପ୍ରମାଣପତ୍ର ହାତେଇବା ସହ ଶଙ୍କର ସହ ଯୋଗାଯୋଗ କରି ଏହାକୁ ସେ ହାଇଦ୍ରାବାଦ ସଂସ୍ଥା ପାଖକୁ ପଠାଉଥିଲା । ମୁନା ୧୧୪ ଜଣ ଆଶାୟୀଙ୍କଠାରୁ କୋଟି କୋଟି ଟଙ୍କା ଆଦାୟ ପରେ ସେମାନଙ୍କୁ ହାଇଦ୍ରାବାଦର ଏକ ସଂସ୍ଥାରେ ପ୍ରଶ୍ନପତ୍ର ସମ୍ପର୍କରେ ତାଲିମ ଦେଇଥାନ୍ତା । ଯୋଜନା ମୁତାବକ ଆଶାୟୀମାନେ ପ୍ରଥମେ ଭୁବନେଶ୍ୱରର ବିଭିନ୍ନ ହୋଟେଲରେ ରହିଥିଲେ । ଅକ୍ଟୋବର ୨୯ ତାରିଖରେ ଖଣ୍ଡଗିରିରୁ ୧୧୪ ଆଶାୟୀଙ୍କୁ ବସ୍‌ରେ ବିଜୟନଗରମ୍‌କୁ ନିଆଯାଇଥିଲା । ଗତ ଅକ୍ଟୋବର ୩୦ ତାରିଖରେ ବ୍ରହ୍ମପୁର ପୁଲିସ ଏହି ବସ୍‌ଗୁଡ଼ିକୁ ଜବତ କରିବା ସହ ୧୧୪ ଆଶାୟୀ ଓ ୩ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ପଦାକୁ ଆସିଥିଲା । ଏହା ପରେ ଆହୁରି ୧୧୦ ଆଶାୟୀ ପ୍ରାର୍ଥୀ ଫେରାର ହୋଇ ଯାଇଥିଲେ ।

## ସ୍ୱାଭାବିକ ହେବ ବିମାନ ଚଳାଚଳ

ଭୁବନେଶ୍ୱର, ୧୦।୧୨(ନି.ପ୍ର.): ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଇଣ୍ଡିଗୋ ବିମାନ ଚଳାଚଳ ନେଇ ଦେଖାଦେଇଥିବା ସଙ୍କଟକୁ ସୂଚନା ଦେଲେ ବିମାନବନ୍ଦର ନିର୍ଦ୍ଦେଶକ । ସ୍ଥିତି ଆଉ ଆଗ ଭଳି ନାହିଁ । ସୁଧୁରିବା ଆରମ୍ଭ ହେଲାଣି । ଆଗକୁ ଖୁବଶୀଘ୍ର ସବୁ ସ୍ୱାଭାବିକ ହେବ । ଯାତ୍ରୀମାନଙ୍କୁ ଏୟାରଲାଇନ୍ସ ଏବଂ ବିମାନବନ୍ଦର ପକ୍ଷରୁ ଆଶ୍ୱାସନା ଦିଆଯିବା ସହ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି ।ସୋସିଆଲ ମିଡିଆ ଜରିଆରେ ଫ୍ଲାଇଟ କ୍ୟାନସଲେସନ ନେଇ ସୂଚନା ଦିଆଯାଉଛି । ଯେଉଁମାନେ ନିଜ ଫ୍ଲାଇଟ ବିଷୟରେ ମେସେଜ ପାଇପାରି ନାହାନ୍ତି ସେମାନେ ଘରୁ ବାହାରିବା ପୂର୍ବରୁ ଥରେ ଚେକ୍ କରି ବାହାରନ୍ତୁ ବୋଲି ଏୟାରପୋର୍ଟ ପକ୍ଷରୁ ଅନୁରୋଧ କରାଯାଇଛି । ଯଦି ଫ୍ଲାଇଟ କ୍ୟାନସେଲ୍ ହେଲା ତାହା ଯାତ୍ରୀ ମାନଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ଜଣାଇ ଦିଆଯାଉଛି ଏବଂ ଆଗକୁ ତାହା ଜାରିରହିବ ।ସିଆଇଏସଏଫ, ଇଣ୍ଡିଗୋ ଏୟାରଲାଇନ୍ସ ଏବଂ ଭୁବନେଶ୍ୱର ବିମାନବନ୍ଦର କର୍ତ୍ତୃପକ୍ଷ ଏନେଇ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି । ଅତି ଆବଶ୍ୟକ ପଡ଼ିଲେ ଯାତ୍ରୀମାନେ ଏକ ଜରୁରୀକାଳିନ ନମ୍ବରରେ ଫୋନ୍ କରିପାରିବେ । ନମ୍ବରଟି ହେଲା ଜରୁରୀକାଳୀନ ନମ୍ବର-୮୨୮୦୭୪୯୨୩୯ । ଅନ୍ୟପଟେ ଉଡ଼ାଣ ତଦାରଖ କରିବା ପାଇଁ ଏକ ଓଭରସାଇଟ ଟିମ୍ ଗଠନ କରାଯାଇଛି । ତାହା ଗୁରୁଗାମସ୍ଥିତ ଅଫିସରେ ରହି କାର୍ଯ୍ୟ କରିବ । ସେଠାରେ ଦୁଇ ଜଣ ଅଧିକାରୀ ସ୍ଥାୟୀ ଭାବେ ରହିବେ । ଟିମ୍ ରେ ୮ଜଣ ବରିଷ୍ଠ ଅପରେସନ୍ସ ଅଧିକାରୀ ରହିବେ ବୋଲି ଡିଜିସିଏ ପକ୍ଷରୁ ସୂଚନା ଦିଆଯାଇଛି ।

# ୧୧ ବିମାନବନ୍ଦରରେ କ୍ଷେତ୍ର ଯାଞ୍ଚ ପାଇଁ ଡିଜିସିଏ ନିର୍ଦ୍ଦେଶ

ନୂଆଦିଲ୍ଲୀ୧୦।୧୨(ନି.ପ୍ର.): ଇଣ୍ଡିଗୋର ଉଡାଣ କ୍ଷେତ୍ରରେ ବଡ଼ ଧରଣର ବାଧା ସୃଷ୍ଟି ହେବା ଯୋଗୁଁ ଯାତ୍ରୀଙ୍କ ବ୍ୟାପକ ଅସୁବିଧା ପରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଦେଶର ଏଗାରଟି ବିମାନବନ୍ଦରରେ ତୁରନ୍ତ କ୍ଷେତ୍ର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛି ।

ଦେଶରେ ଇଣ୍ଡିଗୋ ବିମାନ ଉଡାଣ କ୍ଷେତ୍ରରେ ବଡ ଧରଣର ବଧ ସୃଷ୍ଟି ହେବା ପରେ ଡିଜିସିଏ ଇଣ୍ଡିଗୋ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ପୂର୍ବରୁ ଶୀତକାଳୀନ ଉଡାଣ ତାଲିକାରୁ ଇଣ୍ଡିଗୋର ୫% ହ୍ରାସ କରି ଅନ୍ୟ କମ୍ପାନୀକୁ ଦେବାକୁ ସରକାର ନିର୍ଦ୍ଦେଶ ଦେଇଥିଲେ ।




ଆଜି ଇଣ୍ଡିଗୋ କର୍ତ୍ତୃପକ୍ଷ ଙ୍କ କାର୍ଯ୍ୟକଳାପ ଯାଞ୍ଚ କରିବାକୁ ଡିଜିସିଏ ନିର୍ଦ୍ଦେଶ ଦେଇଛି । ଡିଜିସିଏ ଏହାର ଅଧିକାରୀମାନଙ୍କୁ ଦୁଇରୁ ତିନି ଦିନ ମଧ୍ୟରେ ବିମାନବନ୍ଦର ପରିଦର୍ଶନ କରି ଯାଞ୍ଚ କରିବା ସହ ଯାଞ୍ଚର ୨୪ ଘଣ୍ଟା ମଧ୍ୟରେ ଏକ ବିସ୍ତୃତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି । ଦେଶର ପ୍ରମୁଖ ୧୧ଟି ବିମାନବନ୍ଦରରେ ଏହି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବିମାନବନ୍ଦରଗୁଡ଼ିକ ମଧ୍ୟରେ ନାଗପୁର, ଜୟପୁର, ଭୋପାଳ, ସୁରଟ, ତିରୁପତି, ବିଜୟୱାଡା, ଶିରିଡି, କୋଚିନ୍, ଲକ୍ଷ୍ନୌ, ଅମୃତସର ଏବଂ ଡେରାଡୁନ୍ ଅନ୍ତର୍ଭୁକ୍ତ ।

ଡିଜିସିଏର ନିର୍ଦ୍ଦେଶ ଅନୁଯାୟୀ ଅଧିକାରୀମାନେ ସୁରକ୍ଷା ପ୍ରସ୍ତୁତି, କାର୍ଯ୍ୟକ୍ଷମ ପ୍ରସ୍ତୁତି, ଯାତ୍ରୀ ସୁବିଧାର ଗୁଣବତ୍ତା ଏବଂ ଉଡାଣ ବାଧା ସମୟରେ ବିମାନ କମ୍ପାନୀର ପ୍ରତିକ୍ରିୟାଶୀଳତା ମୂଲ୍ୟାଙ୍କନ କରିବେ । ଡିଜିସିଏ ମଧ୍ୟ ବିମାନ ବିଳମ୍ବ ଏବଂ ବାତିଲକରଣ, ଟର୍ମିନାଲ ଅଞ୍ଚଳରେ ଭିଡ଼, ଚେକ୍-ଇନ୍ କାଉଣ୍ଟରରେ ଧାଡ଼ି ପରିଚାଳନା, ସୁରକ୍ଷା ପଏଣ୍ଟ ଓ ବୋର୍ଡିଂ ଗେଟ୍ ଏବଂ ଇଣ୍ଡିଗୋ ଓ ବିମାନବନ୍ଦର ଉଭୟ ଦ୍ୱାରା ନିୟୋଜିତ କାର୍ଯ୍ୟକ୍ଷମ ମାନବଶକ୍ତିର ପର୍ଯ୍ୟାପ୍ତତା ଏବଂ କାର୍ଯ୍ୟକ୍ଷମତା ଉପରେ ସତର୍କ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଛି ଡିଜିସିଏ । ସେମାନଙ୍କୁ ବିମାନ ସହାୟତା ଡେସ୍କଗୁଡ଼ିକୁ ୨୪ ଘଣ୍ଟା ନିୟୋଜିତ କରାଯାଉଛି କି ନାହିଁ, ବିଳମ୍ବ ଏବଂ ବାତିଲ ବିଷୟରେ ଯାତ୍ରୀମାନଙ୍କୁ ସୂଚନା ପ୍ରଦାନ କରାଯାଉଛି କି ନହିଁ । ଗୁଣବତ୍ତା ଓ ସମୟାନୁବର୍ତ୍ତୀତା ଏବଂ ପାନୀୟ ଜଳ ଭଳି ଅତ୍ୟାବଶ୍ୟକୀୟ ସୁବିଧାର ଉପଲବ୍ଧତା ଉପରେ ମଧ୍ୟ ନଜର ରଖିବାକୁ କୁହାଯାଇଛି । ଏଥିସହ ବରିଷ୍ଠ ନାଗରିକ, ଶିଶୁ, ଗର୍ଭବତୀ ମହିଳା ଏବଂ କମ୍ ଗତିଶୀଳତା ଥିବା ଯାତ୍ରୀମାନଙ୍କୁ ପ୍ରଦାନ କରାଯାଇଥିବା ସହାୟତା ମୂଲ୍ୟାଙ୍କନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହୋଲ୍ଡିଂ ଅଞ୍ଚଳରେ ବସିବା ବ୍ୟବସ୍ଥା, ବିମାନବନ୍ଦରରେ ବରିଷ୍ଠ ବିମାନ ପରିଚାଳନାର ଉପସ୍ଥିତି, ଶୌଚାଳୟ ଏବଂ ପରିଷ୍କାର ପରିଚ୍ଛନ୍ନତା ହାଉସକିପିଂ କର୍ମଚାରୀଙ୍କ ନିୟୋଜନର ସମୀକ୍ଷା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ବାକି ଥିବା ବ୍ୟାଗେଜ୍ ଡେଲିଭରି ଏବଂ ଯେକୌଣସି ବ୍ୟାକଲଗ୍ ସ୍ଥିତି ଯାଞ୍ଚ କରିବା ସହ ଯାତ୍ରୀମାନଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ଦ୍ୱାରା ସେମାନେ ପାଇଥିବା ସୁବିଧା ଉପରେ ମତାମତ ପାଇପାରିବେ । ନିର୍ଦ୍ଦେଶ ଅନୁଯାୟୀ, ଯାଞ୍ଚର ଅନ୍ୟ ଏକ କ୍ଷେତ୍ର ହେଉଛି ବିଳମ୍ବ ଏବଂ ବାତିଲ ସମ୍ପର୍କରେ ଯାତ୍ରୀମାନଙ୍କୁ ପଠାଯାଉଥିବା ଏସଏମଏସ, ହ୍ୱାଟ୍ସଆପ ଏବଂ ଇମେଲ୍ ସୂଚନାର ସମୟାନୁବର୍ତ୍ତୀତା । ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ସୁନିଶ୍ଚିତ କରିବା ପାଇଁ ସମସ୍ତ ଅଧିକାରୀଙ୍କୁ ବିମାନବନ୍ଦର ନିର୍ଦ୍ଦେଶକ, ବିମାନ ଷ୍ଟେସନ ମୁଖ୍ୟ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ) ଏବଂ ବିମାନବନ୍ଦର ପରିଚାଳକମାନଙ୍କ ସହିତ ସମନ୍ୱୟ ରକ୍ଷିବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଓଡିଶାରେ ୪୭ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୦।୧୨(ପିଆଇବି): ଓଡିଶାରେ ୧୧୧ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ମଞ୍ଜୁରି ମିଳିଛି । ଏଥିମଧ୍ୟରୁ ୪୭ଟି ବିଦ୍ୟାଳୟରେ ପାଠପ ?। ଆରମ୍ଭ ହୋଇସାରିଥିବା ବେଳେ ୬୪ଟି ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଜାରି ରହିଛି । କେନ୍ଦ୍ର ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦୁର୍ଗାଦାସ ଉଇକେ ଆଜି ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ।



- ମଞ୍ଜୁର ହୋଇଛି ୧୧୧, ୬୪ଟିର ନିର୍ମାଣ କାର୍ଯ୍ୟ ଜାରି
- ପୂରଣ ହେବ ୧୦,୩୯୧ ଶିକ୍ଷକ ଓ କର୍ମଚାରୀ ପଦବୀ

କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ନିର୍ମାଣରେ ବିଳମ୍ବର ମୁଖ୍ୟ କାରଣ ହେଉଛି ଉପଯୁକ୍ତ ଜମି ଉପଲବ୍ଧ ନହେବା, ସଠିକ ଆପ୍ରୋଚ୍ ରୋଡ୍ ନିର୍ମାଣ କରାନଯିବା ଏବଂ ଭୌଗଳିକ ସମସ୍ୟା ।ଶିକ୍ଷକ ନିଯୁକ୍ତି ସଂକ୍ରାନ୍ତରେ ମନ୍ତ୍ରୀ କହିଛନ୍ତି, ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ଜାତୀୟ ଶିକ୍ଷା ସମିତି (ଏନଇଟିଏସ) ସର୍ବଭାରତୀୟ ସ୍ତରରେ ଏକଲବ୍ୟ ବିଦ୍ୟାଳୟ କର୍ମଚାରୀ ଚୟନ ପରୀକ୍ଷା (ଇଏସଏସଇ)-୨୦୨୩ ମାଧ୍ୟମରେ ୧୦,୩୯୧ ପଦବୀରେ ପ୍ରତ୍ୟକ୍ଷ ନିଯୁକ୍ତି ପାଇଁ ପ୍ରଥମ ଅଭିଯାନ କାର୍ଯ୍ୟକାରୀ କରୁଛି । ଏହା ଅଧୀନରେ ବିଭିନ୍ନ ବିଦ୍ୟାଳୟରେ ମନୋନୀତ ଶିକ୍ଷକ ଏବଂ ଅଣ-ଶିକ୍ଷକ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ୭୨୬୭ ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବୀ ପୂରଣ ପାଇଁ ଇଏସଏସଇ-୨୦୨୫ ର ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି । ଏହାସହିତ, କର୍ମଚାରୀମାନଙ୍କୁ ଡେପୁଟେସନରେ ଏବଂ ଆଉଟସୋର୍ସିଂ ଆଧାରରେ ନିୟୋଜିତ କରିବା ଲାଗି ରାଜ୍ୟ ସରକାରଙ୍କୁ ମଧ୍ୟ ପରାମର୍ଶ ଦିଆଯାଇଛି, ଯାହାଦ୍ୱାରା ଶୈକ୍ଷିକ କାର୍ଯ୍ୟକଳାପ ବାଧାପ୍ରାପ୍ତ ହେବ ନାହିଁ । କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଆଦିବାସୀ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ଏବଂ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ, ଏହି ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ ଶ୍ରେଣୀଗୃହ, ଆଧୁନିକ ପାଠାଗାର, ବିଜ୍ଞାନ ଓ କମ୍ପ୍ୟୁଟର ପ୍ରୟୋଗଶାଳା, ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ପାଇଁ ଆବାସିକ ସୁବିଧା, କ୍ରୀଡା, କଳା ଏବଂ ସଙ୍ଗୀତ ଭଳି କାର୍ଯ୍ୟକଳାପ ନିମନ୍ତେ ସୁବିଧା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ବୃତ୍ତିଗତ ତାଲିମ ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇଛି । ପ୍ରଧାନଶିକ୍ଷକ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ନିୟମିତ ତାଲିମ କାର୍ଯ୍ୟକ୍ରମ ଏବଂ କର୍ମଶାଳା ମଧ୍ୟ ଆୟୋଜିତ କରାଯାଉଛି ।

# ସ୍କୁଲଶିକ୍ଷାରେ ଅନିୟମିତତା ଧରିଲେ ସିଏଜି

ଭୁବନେଶ୍ୱର, ୧୦।୧୨(ନି.ପ.): ରାଜ୍ୟରେ ଶିକ୍ଷା ଅଧିକାର ଆଇନର ଖୋଲା ଉଲ୍ଲଘଂନ, ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକାରର ସ୍କିମରେ ଆର୍ଥିକ ଅନିୟମିତତା, ଭିତ୍ତିଭୂମିର ଅଭାବ, ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଦୁର୍ନୀତି, ତଥ୍ୟରେ ଜାଲିଆତିର ପର୍ଦ୍ଦାଫାସ୍ କରିଛନ୍ତି ସିଏଜି । ରାଜ୍ୟରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଉଥିବାର ଗୁରୁତର ଦିଗକୁ ସିଏଜି ଇଙ୍ଗିତ କରିବା ସହ ମିଡ ଡେ' ମିଲଠୁ ଆରମ୍ଭ କରି ସାଇକେଲ ଯୋଜନା ପର୍ଯ୍ୟନ୍ତ ସବୁଥିରେ କିଭଳି ହେରଫେର ହୋଇଛି ସେ ତଥ୍ୟକୁ ସିଏଜି ଉଜାଗର କରିଛନ୍ତି । ଆଜି ବିଧାନସଭାରେ ସିଏଜିଙ୍କ ୨୦୨୫ ବର୍ଷ ପାଇଁ ବିଦ୍ୟାଳୟ ଶିକ୍ଷା ସଂକ୍ରାନ୍ତ ରିପୋର୍ଟ ଉପସ୍ଥାପିତ ହେବାପରେ ମହାଲେଖାକାର ଅତୁଲ ପ୍ରକାଶ ଗଣମାଧ୍ୟମକୁ ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି ।

ସିଏଜିଙ୍କ ରିପୋର୍ଟ ଅନୁସାରେ, ଛାତ୍ରଛାତ୍ରୀଙ୍କ ନାମଲେଖା ତଥ୍ୟରେ ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି । ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ରାଜ୍ୟ ସରକାରଙ୍କ ଦୁଇଟି ସଂସ୍ଥା ଓସେପା ଏବଂ ପିଏମ ପୋଷଣ(ମିଡ ଡେ ମିଲ) ଦ୍ୱାରା ପ୍ରଦତ୍ତ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ତାଳମେଳ ନାହିଁ । ୨୦୧୮-୧୯ରେ ମିଡ୍ ଡେ୍ ମିଲ୍ ତାଲିକାରେ ଥିବା ପିଲାଙ୍କ ସଂଖ୍ୟା ବାସ୍ତବରେ ନାମଲେଖା ତଥ୍ୟଠାରୁ ପ୍ରାୟ ୨.୫୦ଲକ୍ଷ ଅଧିକ ଥିଲା । ଗୋଟିଏପଟେ ସ୍କୁଲରେ ପିଲାଙ୍କ ସଂଖ୍ୟା କମ୍ ଥିବାବେଳେ ମିଡ୍ ଡେ୍ ମିଲ୍ ତାଲିକାରେ ଅଧିକ ପିଲାଙ୍କ ନାମ ଦର୍ଶାଯାଇ ଚାଉଳ ଓ ଟଙ୍କା ହଡପ କରାଯାଉଥିବାର ଗୁରୁତର ତ୍ରୁଟିକୁ ସିଏଜି ଉଜାଗର କରିଛନ୍ତି । ଲକ୍ଷ ଲକ୍ଷ 'ଭୂତଦ' ପିଲାଙ୍କ ନାମରେ କୋଟି କୋଟି ଟଙ୍କାର ଚାଉଳ ଓ ଅର୍ଥ ହରିଲୁଟ୍ କରାଯାଇଛି । ୨୦୧୮-୨୩ ଶିକ୍ଷାବର୍ଷ ମଧ୍ୟରେ ପ୍ରଥମରୁ ଏକାଦଶ ଶ୍ରେଣୀ ମଧ୍ୟରେ ପ୍ରାୟ ୧.୫୦ ଲକ୍ଷରୁ ୫.୪୭ ଲକ୍ଷ ପିଲା ପାଠପ ?। ଅଧାରୁ ଛାଡି (ଡ୍ରପଆଉଟ) ଦେଇଥିବାବେଳେ ୬୧୪୮୭ ଜଣ ସ୍କୁଲ ବାହାରେ ଥିବା ପିଲାଙ୍କୁ ମୁଖ୍ୟସ୍ରୋତକୁ ଅଣାଯାଇପାରିନାହିଁ ।

ରାଜ୍ୟର ସ୍କୁଲ ଓ ଗଣଶିକ୍ଷା ବିଭାଗର ତ୍ରୁଟିପୂର୍ଣ୍ଣ ଆର୍ଥିକ ପରିଚାଳନା ଯୋଗୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି । ବିଭାଗର ଅପାରଗତା ଯୋଗୁ ପାଣ୍ଠି ଖର୍ଚ୍ଚ ହେଉନଥିବାରୁ କେନ୍ଦ୍ର ସରକାର ୨୦୧୯-୨୨ ମସିହା ମଧ୍ୟରେ ୩୬୯.୧୦କୋଟି ଟଙ୍କାର ଅନୁଦାନ କାଟି ଦେଇଥିଲେ । ସିଏଜିଙ୍କ ରିପୋର୍ଟ ଅନୁଯାୟୀ, ୨୦୧୯-୨୨ ଆର୍ଥିକ ବର୍ଷ ମଧ୍ୟରେ ବଜେଟରେ ବରାଦ ଅର୍ଥରୁ ୧୧୫୯.୩୧ କୋଟି ଟଙ୍କା ଖର୍ଚ୍ଚ ନହୋଇ ସରକାରଙ୍କୁ ଫେରସ୍ତ ଦିଆଯାଇଛି । ସେହିପରି ସମଗ୍ର ଶିକ୍ଷା ଯୋଜନା ଅଧୀନରେ ମିଳିଥିବା ପାଣ୍ଠିର ମାତ୍ର ୪୪ରୁ ୫୦ ପ୍ରତିଶତ ଅର୍ଥ ବିନିଯୋଗ ହୋଇପାରିଛି ।

ରାଜ୍ୟରେ ସ୍କୁଲଗୁଡିକରେ ଆବଶ୍ୟକ ଭିତ୍ତିଭୂମି ଓ ମୌଳିକ ସୁବିଧାସୁଯୋଗରୁ ଛାତ୍ରଛାତ୍ରୀମାନେ ବଂଚିତ ଥିବାବେଳେ ହଜାର ହଜାର କୋଟି ଟଙ୍କା ଫେରସ୍ତ ଯିବା ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତାକୁ ପ୍ରମାଣିତ କରିଛି ବୋଲି ସିଏଜି କହିଛନ୍ତି ।ରାଜ୍ୟରେ ସ୍କୁଲଗୁଡିକର ଭିତ୍ତିଭୂମିର ବିପର୍ଯ୍ୟସ୍ତ ସ୍ଥିତି ପଦାକୁ ଆସିଛି । ସିଏଜିଙ୍କ ନମୂନା ଯାଂଚରୁ ଜଣାପଡିଛି ଯେ, ୪୩ ପ୍ରତିଶତ ସ୍କୁଲରେ ଛାତ୍ରଛାତ୍ରୀଙ୍କ ବସିବା ପାଇଁ ଡେସ୍କ-ବେଂଚ୍ ନାହିଁ । ପିଲା ତଳେ ବସି ପଢ଼ିବାକୁ ବାଧ ହେଉଛନ୍ତି । ୨୩ ପ୍ରତିଶତ ସ୍କୁଲରେ ଗୋଟିଏ ଶ୍ରେଣୀ ଗୃହରେ ଏକାଧିକ କ୍ଲାସର ପିଲାଙ୍କୁ ବସାଇ ପାଠ ପ ?।ଯାଉଛି । ରାଜ୍ୟର ୪୬ ପ୍ରତିଶତ ସ୍କୁଲରେ ଛାତ୍ର-ଶ୍ରେଣୀଗୃହ ଅନୁପାତ ଅତ୍ୟନ୍ତ ଖରାପ ରହିଛି । ଗୋଟିଏ ରୁମରେ ନିୟମଠାରୁ ଅଧିକ ପିଲା ବସୁଥିବାରୁ ପାଠପ ?। ବାଧାପ୍ରାପ୍ତ ହେଉଛି । ଏପରିକି ୧୫ ପ୍ରତିଶତ ସ୍କୁଲର କୋଠା ବିପଦଶଙ୍କୁଳ ଅବସ୍ଥାରେ ଥିବାବେଳେ ୧୯ ପ୍ରତିଶତ ସ୍କୁଲରେ ଶୌଚାଳୟ ଅପରିଷ୍କାର କିମ୍ବା ଅଚଳ ହୋଇ ପଡିରହିଛି ।



# ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସଂପର୍କିତ ଜିଲ୍ଲାସ୍ତରୀୟ କର୍ମଶାଳା



ବଲାଙ୍ଗିର,୧୦।୧୨:(ମନ୍ଥନ) ଡିସେମ୍ବର ୧୦ ତାରିଖ ବିଶ୍ୱ ମାନବ ଅଧିକାର ଦିବସ ପାଳନ ଅବସରରେ ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସଂପର୍କିତ ଜିଲ୍ଲାସ୍ତରୀୟ କର୍ମଶଅଳା ବଲାଙ୍ଗିର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଜିନ୍ଦାବାଦ ସଂଗଠନ, ବଲାଙ୍ଗିର ପକ୍ଷରୁ ଆୟୋଜନ କରାଯାଇଥିଲା । ମୁଖ୍ୟ ଅତିଥି ପ୍ରଫେସର ପ୍ରଦିପ୍ତ କୁମାର ବେହେରା ଉପକୁଳପତି ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ବଲାଙ୍ଗିର ପ୍ରଦୀପ ପ୍ରଜ୍ୱଳନ କରି ମହାତ୍ମା ଗାନ୍ଧୀଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ଜିନ୍ଦାବାଦ ସଂଗଠନର ସଭାପତି ଗଙ୍ଗାଧର ମାଝି ସଭାପତିତ୍ୱ କରିଥିବା ବେଳେ ଆଇନଜିବୀ ପ୍ରତିଷ୍ଠାତା ତ୍ରିଲୋଚନ ପୁଞ୍ଜି କର୍ମଶାଳାକୁ ସଂଯୋଜନା କରିଥିଲେ । ଭାରତୀୟ ସମ୍ବିଧାନ ଓ ମାନବ ଅଧିକାର ସମ୍ବନ୍ଧରେ ସମ୍ମାନୀତ ଅତିଥି ଡ. ରାଜେଶ କୁମାର କର୍ଣ୍ଣ ରାଜନୀତି ବିଜ୍ଞାନ ବିଭାଗ ସରକାରୀ ମହିଳା ବିଦ୍ୟାଳୟ ବଲାଙ୍ଗିର, ଡ. ଅରବିନ୍ଦ କୁମାର ଓଝା ଅଧକ୍ଷ ସରକାରୀ ମହିଳା ମହାବିଦ୍ୟାଳୟ ବଲାଙ୍ଗିର, ସାମାଜିକ କର୍ମୀ ବାଳକୃଷ୍ଣ ଷାଣ୍ଡ, ନାରୀ ନେତ୍ରୀ ପାଂଚାଳି ପଧାନ, ବରିଷ୍ଠ ସାମ୍ବାଦିକ ଆନନ୍ଦ କୁମାର ସାହୁ, ବିରେନ୍ଦ୍ର କୁମାର ଝାଙ୍କର, ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ର ଆବାହକ ସତ୍ୟ ବନଛୋର, କଙ୍କଡା ଯୋର ବୁଡି ଅଂଚଳ ସହାୟତା ସମିତିର ସଭାପତି ପ୍ରତାପ ବାଗ, ମଧୁ ଶବର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଭାରତୀୟ ସମ୍ବିଧାନର ମୌଳିକ ଅଧିକାର, କର୍ତ୍ତବ୍ୟ ବିଷୟରେ ଆଲୋଚନା କରାଗଲା ଏବଂ ମାନବିକ ଅଧିକାର ସୁରକ୍ଷା ଆଇନ ୧୯୯୩ ବିଷୟରେ ଆଲୋଚନା କରାଗଲା । ଆଗାମୀ ଦିନରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ମାନବ ଅଧିକାର ର ସୁରକ୍ଷା ପାଇଁ କାମ କରିବାକୁ ନିଷ୍ପତ୍ତି ନିଆଗଲା । ବିସ୍ଥାପିତ, ଆଦିବାସୀ, ଦଳିତ ପଛୁଆ ବର୍ଗ, ଗରିବ, ଶ୍ରମିକ, ଋଷୀ, ଶିଶୁ ମହିଳାମାନଙ୍କର ମାନବ ଅଧିକାର ପାଇଁ ନ୍ୟାୟିକ ଲଢେଇ ଲଢିବା ପାଇଁ ନିଷ୍ପତ୍ତି ନିଆଗଲା । ଘରେ ଘରେ ସମ୍ବିଧାନର ବାର୍ତ୍ତା ପହଂଚାଇବା କୁ ସ୍ଥିର କରାଗଲା । ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ଜଳ, ଜମି, ଜଙ୍ଗଲ, ଜନ୍ତୁ, ଜନ ଉପରେ କାମ କରିବା ପାଇଁ ସ୍ଥିର କରାଗଲା । ଆସନ୍ତା ଜାନୁୟାରୀ ୧ ତାରିଖ ୨୦୨୬ ଜିନ୍ଦାବାଦ ସଂଗଠନର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା କରାଯାଇ ମହାମହିମ ରାଷ୍ଟ୍ରପତି ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ଜିନ୍ଦାବାଦ ସଂଗଠନର କାର୍ଯ୍ୟକର୍ତ୍ତା ଶୁକ୍ଳ ଶବର, କ୍ଷୀର ସିନ୍ଧୁ ମାଝି, ମିଳନ ପୁଞ୍ଜି, କର୍ମକର୍ତ୍ତା ଟଟକର ମାଝି, ଦୁର୍ଯ୍ୟୋଧନ ମାଝି, ଡମ୍ବରୁ ଭରାଶଗରିଆ, ଲୋଚନ ବରିହା, ଫଟୋ ଭୋଇ, ଫଗୁନୁ ଶବର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସମ୍ବାଦିକ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଦ୍ରକରେ ଆୟୋଜିତ ହେବ ରାଜ୍ୟସ୍ତରୀୟ ବ୍ରାହ୍ମଣ ସମ୍ମିଳନୀ

ଭଦ୍ରକ,୧୦।୧୨:(ମନ୍ଥନ)ଓଡ଼ିଶା ବ୍ରାହ୍ମଣ ମହାସଂଘ, ଭଦ୍ରକ ଶାଖା ଆନୁକୁଲ୍ୟରେ ରାଜ୍ୟସ୍ତରୀୟ ବ୍ରାହ୍ମଣ ସମ୍ମଳନୀ ଭଦ୍ରକରେ ଆୟୋଜିତ ହେବାକୁ ସ୍ଥିର କରାଯାଇଛି । ଜିଲ୍ଲା ସଭାପତି ଶ୍ରୀ ମନ୍ଦରଧର ଦୀକ୍ଷିତଙ୍କ ଅଧକ୍ଷତାରେ ସରସ୍ୱତୀ ବିହାରରେ ଆୟୋଜିତ ଜିଲ୍ଲା ବୈଠକରେ ଏ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭଦ୍ରକ ବିଧାୟକ ଶ୍ରୀ ସୀତାଂଶୁ ଶେଖର ମହାପାତ୍ର ସ୍ୱାଗତ ସମିତିର ଅଧକ୍ଷଭାବେ ଏବଂ ରାଜ୍ୟ ସଭାପତି ଡ. ସଦାନନ୍ଦ ଦୀକ୍ଷିତ କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିବାରେ ପ୍ରତିଶ୍ରୁତି ପ୍ରଦା କରିଛନ୍ତି । ଶ୍ରୀ ମନ୍ଦରଧର ଦୀକ୍ଷିତଃ ଅଧକ୍ଷତାରେ ଏକ କାର୍ଯ୍ୟକାରୀ ସମିତିରେ ରାଜ୍ୟଯୁଗ୍ମ ସଂପାଦନ ଶ୍ରୀ ଗୋପବନ୍ଧୁ ମିଶ୍ର, ଜିଲ୍ଲା ସଂପାଦକ ଡ. ବସନ୍ତ କୁମାର ଦୀକ୍ଷିତ, ବରିଷ୍ଠ ସଦସ୍ୟଗଣ ଶ୍ରୀ ସୁବାସ ଚନ୍ଦ୍ର ଦାଶ, ଶ୍ରୀ ସନ୍ତୋଷ କର, ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ଶ୍ରୀ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଶ୍ରୀ ବିଜୟ କୁମାର ପଣ୍ଡା ସଦସ୍ୟଭାବେ ମନୋନୀତ ହୋଇଛନ୍ତି । ବ୍ୟାପକ ସଂପର୍କ ଓ ଦୃଢ଼ ସଂଗଠନ ମାଧ୍ୟମରେ ସମଗ୍ର ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସହସ୍ରାଧିକ ବ୍ରାହ୍ମଣ ଓ ରାଷ୍ଟ୍ର ସ୍ତରୀୟ କର୍ମକର୍ତ୍ତା ବହୁ ସଂଖ୍ୟାରେ ଯୋଗ ଦେବେବୋଲି ଆଶାକରି ବ୍ୟାପକ ପ୍ରସ୍ତୁତି କରାଯିବାକୁ ସ୍ଥିର କରାଯାଇଛି । ନରହରି ଦାଶ, ଶ୍ରୀ ଗଣେଶ ପ୍ରସାଦ କର ଶର୍ମା, ପଣ୍ଡିତ ରତ୍ନାକର ମିଶ୍ର, ପଣ୍ଡିତ ସତ୍ୟବ୍ରତ ପଣ୍ଡା, ଶ୍ରୀ ଜୟନ୍ତ ମହାପାତ୍ର, ଶ୍ରୀମତି ଅନ୍ନପୂର୍ଣ୍ଣ ଦାଶ, ପଣ୍ଡିତ ବିଷ୍ଣୁମୋହନ ପାଣିଗ୍ରାହୀ, ଶ୍ରୀ ଗଗନ ବିହାରି ଦାଶ, ପ୍ରମୁଖ ଭାବଗ୍ରହଣ କରିଥିଲେ । ଶେଷରେ ପଣ୍ଡିତ ବିନୋଦ ବିହାରୀ ଦାଶ ଶାନ୍ତିମନ୍ତ୍ର ପାଠ କରିଥିଲେ ।

# ହାଇଓା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ

ଡେଲାଙ୍ଗ,୧୦।୧୨:(ମନ୍ଥନ)ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଛନ୍ତି । ମୃତକ ହେଲେ ଡେଲାଙ୍ଗ ଥାନା ଅର୍ନ୍ତଗତ ଘୋରଡିଅ। ଗ୍ରାମର ନମିତା ନାୟକ (୫୩) ବୋଲି ପରିଚୟ ଜଣାପଡିଛି । ତେବେ ମିଳିଥିବା ସୁଚନା ମୁତାବକ ଘୋରଡିଅ। ଗ୍ରାମରୁ ସ୍ୱାମୀ ରବିନ୍ଦ୍ର ନାୟକଙ୍କ ସହ ତାଙ୍କ ଧର୍ମପତ୍ନୀ ନମିତା ନାୟକ ବାଇକ ଯୋଗେ କଣାସ ଅଭିମୁଖେ ଯାଉଥିଲେ । କଣାସ ପଟୁ ଆସୁଥିବା ଏକ ହାଇଓା ଗାଡି କାତପଡା ଛକ ନିକଟରେ ବାଇକକୁ ଧକ୍କା ଦେଇଥିଲା । ବାଇକ ପଛରେ ବସିଥିବା ମହିଳା ଜଣକ ତଳେ ଛିଟିକି ପଡି ହାଇଓା ଚକା ତଳେ ଗୁରୁତର ଅବସ୍ଥାରେ ପଡିଥିଲେ । ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ମହିଳାଙ୍କୁ ସେଠାରୁ ଉଦ୍ଧାର କରାଯାଇ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ଡାକ୍ତର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ଏନେଇ କଣାସ ଥାନାରେ ତାଙ୍କ ସ୍ୱାମୀ ରବିନ୍ଦ୍ର ନାୟକଙ୍କ ଲିଖିତ ଅଭିଯୋଗକ୍ରମେ ୨୮୮/୨୫ରେ ଏକ ମାମଲା ରୁଜୁ କରାଯିବା ସହ ଡେଲାଙ୍ଗ ମେଡିକାଲରୁ ମହିଳାଙ୍କ ମୃତ ଶରୀରକୁ ପୋଲିସ ଜବତ କରି ବ୍ୟବେଚ୍ଛେଦ ପାଇଁ ପୁରୀ ପଠାଇ ତଦନ୍ତ ଜାରି ରଖିଥିବା ବେଳେ ଦୁର୍ଘଟଣା ଘଟାଇଥିବା ହାଇଓା ଗାଡିଟିକୁ ଜବତ କରିଥିଲେ । ଘଟଣାସ୍ଥଳରୁ ଡ୍ରାଇଭର ଫେରାର ରହିଥିବା ନେଇ କଣାସ ଥାନା ଅଧିକାରୀ ପ୍ରସନ୍ନ ନାୟକଙ୍କ ଠାରୁ ପ୍ରକାଶ ।

# ଶୁଳିଆପଦା ଥାନା ଆମ ପୁଲିସ ସମିତି ପକ୍ଷରୁ ରକ୍ତଦାନ ଶିବିର



ମୋରଡ଼ା,୧୦।୧୨:(ମନ୍ଥନ)ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀଙ୍କ ତତ୍ତ୍ୱାବଧାନରେ ବୁଧବାର ଶୁଳିଆପଦା ଥାନା ପରିସରରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଥାନା ଅଧିକାରୀ ସତ୍ୟ ନାରାୟଣ ବଳଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ,ସମ୍ମାନିତ ଅତିଥି ରୂପେ ବାରିପଦା ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଯୋଗ ଦେଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରୁଥିବା ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ମୋଟ ୬୧ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଡ଼ାକ୍ତର ସୂର୍ଯ୍ୟକାନ୍ତ ନାଏକ,ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ,ଆମ ପୁଲିସ ସମିତିର ସଦସ୍ୟ ଏବଂ ଥାନାର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଚରମ୍ପା ସାହିତ୍ୟ ସଂସ୍କୃତ ମଂଚର କାନ୍ତକବି ଜୟନ୍ତୀ ପାଳିତ

ଭଦ୍ରକ, ୧୦।୧୨:(ମନ୍ଥନ)ଭଦ୍ରକ ମାଟିର ଗର୍ବ ଓ ଗୌରବ ଜଣେ ସୁସାହିତ୍ୟିକ, ସାରସ୍ୱତ ସାଧକ ଯଥା ଲେଖକ, ଗାଳ୍ପିକ, କବି, ପ୍ରାବନ୍ଧିକ ନାଟ୍ୟକାର କଳାକାର ଭାବେ ଓଡ଼ିଶା ବାଣୀ ଭଣ୍ଡାରକୁ ଯେ ସମୃଦ୍ଧ କରିପାରିଛି, ସେ ଆଉ କେହି ନୁହଁନ୍ତି "ବନ୍ଦେ ଉତ୍କଳ ଜନନୀ"ର ସ୍ରଷ୍ଟା କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର । ତାଙ୍କର ସାରସ୍ୱତ କୀର୍ତି ଓ କୃତି ଛାଡି ଦେଇ ଯାଇଛନ୍ତି ତାହା ଚିର ସ୍ମରଣୀୟ ହୋଇ ରହିବ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ । ବେଦ ପାଠ ଓ ସ୍ୱାଗତ ଭାଷଣ ଡା. ଅନୀଲ କୁମାର ଦାଶ ଦେଇଥିବାବେଳେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଭାରତୀ ପଲେଇ । ଅତିଥି ପରିଚୟ ଆଇନଜୀବୀ କୁଳମଣି ବେହେରା ଦେଇଥିଲେ । ସଂପାଦକୀୟ ବିବରଣୀରେ ବାବୁଲାଲ ଦାସ ଅତିତ ଓ ବର୍ତମାନ ଉକ୍ତ ମଂଚ ପ୍ରତି ଆନୁଗତ୍ୟ ତଥା ତ୍ରୁଟିଶୂନ୍ୟ ପରିଚାଳନାକୁ ଭୁଲିହେବ ନାହିଁ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମଣ୍ଡଳ ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ସାଧନା ଚିରସ୍ମରଣ ହୋଇ ରହିଥିବ ବୋଲି କହିବା ସଂଗେ ସଂଗେ ଚରମ୍ପା ସାହିତ୍ୟ ସଂସ୍କୃତି ମଂଚକୁ ସବୁପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଇ. ଅଭୟ ସୂତାର ମୁଖ୍ୟବକ୍ତା ଭାବେ ପ୍ରାଧାପିକା ଭାନୁମତୀ ମାଟିଆ, କୃଷିକବି ଅରୁଣ କୁମାର ପାତ୍ର, ପ୍ରାକ୍ତନ ଅଧକ୍ଷ ଶିବରାମ ଖାମୁରାଇ, ମଂଚର ସ୍ଥାୟୀ ସଭାପତି ଅଶୋକ କୁମାର ମହାନ୍ତି ନିଜ ନିଜର ବକ୍ତବ୍ୟ ଦେଇଥିଲେ । ଶିକ୍ଷାବିତ୍ ଗଗନ ବିହାରୀ ରାଉତ ପୌରହିତ୍ୟ କରି ଲକ୍ଷ୍ମୀକାନ୍ତ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସଂଗେ ସଂଗେ ଉକ୍ତ ଅନୁଷ୍ଠାନର ସର୍ବାଙ୍ଗିନ ଉନ୍ନତି କାମନା କରିଥିଲେ । ସହଯୋଗ କରିଥିଲେ ଉପସଭାପତି ଶରତ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଗୟାଧର ପଣ୍ଡା, ନାରାୟଣ ଚନ୍ଦ୍ର ପାଢ଼ୀ, ଅମର ପାଣିଗ୍ରାହୀ, ଜଗବଂଧୁ ବାରିକ, ସଂଗ୍ରାମ କେଶରୀ ଦାସ, କଳ୍ପନା ଜେନା, କଳାକାର କାଳନ୍ଦୀ ମଳିକ, ନାଟ୍ୟଶ୍ରୀ ନିର୍ମଳ ରାଉତ, ବ୍ୟଙ୍ଗକବି ଗୋକୁଳାନନ୍ଦ ରାଉତ, ପ୍ରମୋଦା କୁମାରୀ ପଣ୍ଡା, ଅଧକ୍ଷ ସୁରଂଚନ ପଣ୍ଡା, ରଣଜୀତ କୁମାର ସ୍ୱାହୁ, ଶାନ୍ତିଲତା ବାରିକ, ଆରସିଆନର ମିଡିଆ ପ୍ରଭାତ ବ୍ରିଜୟ ପ୍ରମୁଖ ।



# ମଞ୍ଚ ନାଟକ ମହୋତ୍ସବର ଶେଷ ସନ୍ଧ୍ୟା



ନବରଙ୍ଗପୁର,୧୦।୧୨:(ମନ୍ଥନ) ଗତ କାଲି ତା ୯.୧୨.୨୦୨୫ ରିଖ ଶାସ୍ତ୍ରୀ ଭବନଠାରେ ଆୟୋଜିତ ତିନି ଦିବସୀୟ ମଞ୍ଚ ନାଟକ ମହୋତ୍ସବ ଭବ୍ୟ ଭାବରେ ସମାପ୍ତ ହୋଇଛି । ମଣ୍ଡେଇ ମହୋତ୍ସବ-୨୦୨୫ ପୂର୍ବରୁ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ବରିଷ୍ଠ କଳାକାର ଦୁର୍ଗା ପ୍ରସାଦ ପ୍ରଧାନୀ ଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ହାସ୍ୟରସ ଓ ସାମାଜିକ ବାର୍ତ୍ତାଭିତ୍ତିକ ନାଟକ ନା ଗପ ନା କାହାଣୀ ମଞ୍ଚସ୍ଥ ହୋଇଥିଲା । ଏହି ନାଟକରେ ବୃଦ୍ଧାବସ୍ଥାରେ ଜଣେ ପିତାଙ୍କ ପ୍ରତି ପୁଅର ଆଚରଣକୁ କୌତୁକିଅ। ଢଙ୍ଗରେ ଉପସ୍ଥାପନ କରାଯାଇଥିଲା, ଯାହା ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା । ନାଟକ ରେ ଦେବଦାସ ମହାକୁଣ୍ଡ, ଦୁର୍ଗା ପ୍ରସାଦ ପ୍ରଧାନୀ,ଫାଲଗୁନି ପାତ୍ର, କାଳୀ କିଙ୍କର ପଟ୍ଟନାୟକ, ସସ୍ମିତା ପଟ୍ଟନାୟକ,ବିକ୍ରମ ଦାସ,ପ୍ରକାଶ ଚନ୍ଦ୍ର ବାରିକ,ଜି ଭି ରବି ପ୍ରସାଦ, ଦେବାଶିଷ ମହାନ୍ତି, ଆଲୋକ ସାହୁ,କିରଣ କୁମାର ରାଓ ଭଳି ମଞ୍ଚ କଳାକାରମାନେ ସେମାନଙ୍କର ଶ୍ରେଷ୍ଠ ଅଭିନୟ କୌଶଳ ପ୍ରଦର୍ଶନ କରିଥିଲେ । ସଂଗୀତ ନିର୍ଦ୍ଦେଶନା ରେ ଯୁଗଳ କିଶୋର ତ୍ରିପାଠୀ ଏବଂ ଫାଲଗୁନୀ ପାତ୍ର ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ମାନ୍ୟବର ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମଞ୍ଚ ନାଟକର ମହତ୍ତ୍ୱ ଓ ଏହାର ସମାଜରେ ଏହାର ସଂରକ୍ଷଣ ଉପରେ ଏକ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଶେଷରେ, ନାଟକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଣ୍ଡେଇ ମହୋତ୍ସବ କମିଟିର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ ଖୁଣ୍ଟିଆ । ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନଙ୍କ ଦ୍ୱାରା ବରିଷ୍ଠ କଳାକାର ଦେବଦାସ ମହାକୁଡ଼ ଓ ପ୍ରକାଶ ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟ ସମସ୍ତ କଳାକାରଙ୍କୁ ମଧ ପ୍ରମାଣପତ୍ର ଓ ଉପହାର ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲାୟ ଏହି ଅବସରରେ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଅ। ହରିଜନ ସମସ୍ତ କମିଟି ସଦସ୍ୟଙ୍କ ସମେତ ଉପସ୍ଥିତ ସମସ୍ତ ଅଧିକାରୀ,ମ୍ୟୁନିସିପାଲଟି କତୃପକ୍ଷ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୌପ୍ୟ ଜୟନ୍ତୀ ସମାରୋହ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବଙ୍ଗୋମୁଣ୍ଡା,୧୦।୧୨:(ମନ୍ଥନ)ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଁ ସାହାଜୀ ଯୁବକ ସଂଘ କପିଳାଭଟା ର ୨୫ ବର୍ଷ ପୂର୍ତ୍ତି ଅବସର ରେ ରୌପ୍ୟ ଜୟନ୍ତୀ ସମାରୋହ ପାଳନ ପାଇଁ ଆଜି ଶିବ ମନ୍ଦିର ପ୍ରାଙ୍ଗଣ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘ ର ସଭାପତି ଜିତାମିତ୍ର ବିଶି ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିଲା । ଆସନ୍ତା ଡିସେମ୍ବର ୧୮ ତାରିଖ ଦିନ ରୌପ୍ୟ ଜୟନ୍ତୀ ପାଳନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି । ଏହି ଅବସର ରେ ଅଞ୍ଚଳ ର ବିଭିନ୍ନ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଜଣାପଡିଛି । ଆସନ୍ତା ୧୮ ତାରିଖ ଦିନ ମଧ୍ୟାହ୍ନ ରେ ମାଁ ସାହାଜିକଟେନ ଙ୍କ ପୀଠ ରୁ ମଶାଲ ଯାତ୍ରା ଓ ସନ୍ଧ୍ୟା ରେ ରୌପ୍ୟ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଓଡିଶା ସରକାର ଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମୟୁରଭଞ୍ଜ ଜିଲ୍ଲା ରୁ ଛଉ ନୃତ୍ୟ ସହ ଅଞ୍ଚଳ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି । ବୈଠକ ରେ ସମ୍ପାଦକ ହୁଲେଶ୍ୱର ହଂସ ସଭା ପରିଚାଳନା କରିଥିଲେ । ଏହି ବୈଠକ ରେ ସଂଯୋଜକ ପୃଥ୍ୱୀରାଜ ବାଗ,ସୁନୀଲ କୁମାର ବିଶି,ପୂର୍ବତନ ସମ୍ପାଦକ ପରମାନନ୍ଦ ଛତ୍ରୀଅ।, ଜିତେନ୍ଦ୍ର ହଂସ, ରଜତ କୁମାର ବିଶି, ଦେବାଶିଷ ବିଶି, ସୁଭାଶିଶ ବିଶି, ନିଲେଶ ହଂସ,ପ୍ରକାଶ ହଂସ,ଚନ୍ଦ୍ରଶେଖର ବିଶି,ଅଭିଷେକ ହଂସ, ନିତ୍ୟା ହଂସ, ଟୁନା ହଂସ,ରଶ୍ମିରଞ୍ଜନ ହଂସ, ସୁରେନ୍ଦ୍ର ବିଶି ଙ୍କ ସହ ବହୁ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳିତ

୧୦।୧୨:(ମନ୍ଥନ)ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓଲଙ୍ଗ, ଭଦ୍ରକଠାରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଅଛି । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପ୍ରଥମେ ଏକ ଶୋଭାଯାତ୍ରା ବାହାରି ସଚେତନତା ନିମିତ୍ତ ଛାତ୍ରଛାତ୍ରୀ ମାନେ ସୂଚନା ଫଳକଧରି ସ୍ଲୋଗାନ ଦେଇ ଆଗେଇ ନେଇଥିଲେ । ତତ୍‌ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗନେଇ ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସଚିବ, ଶ୍ରୀ ପୁଣ୍ୟଶ୍ଳୋକ ରଥ ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ଉତ୍ତମ ତଥା ସଚେତନଶୀଳ ନାଗରିକ ହେବା ପାଇଁ କହିଥିଲେ । ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଶ୍ରୀ ସସ୍ମିତ ମାଝି ନିଜ ବକ୍ତବ୍ୟ ମାଧ୍ୟମରେ ପିଲାମାନଙ୍କୁ ଏହି ଦିବସର ତାତ୍ପର୍ଯ୍ୟ ବୁଝାଇବା ସହ ଏହି ବୟସରେ ସମୟର ସତ୍ ଉପଯୋଗ କରିବା ପାଇଁ ପିଲାମାନଙ୍କୁ ବୁଝାଇଥିଲେ । ବିଦ୍ୟାଳୟର ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ଟୁନଟୁନ ସାହା, ଯୋଗଦେଇଥିଲେ । ଶିକ୍ଷୟିତ୍ରି କାଦମ୍ବିନୀ କର ଶର୍ମା ଏହି କାର୍ଯ୍ୟକ୍ରମଟିର, ପ୍ରାରମ୍ଭିକ ଉଦ୍‌ବୋଧନ ମାଧ୍ୟମରେ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏଲ.ଏ.ଡିସ. ଏସ. ସହାୟକ ତଥା ନ୍ୟାୟ ରକ୍ଷକ ବହ୍ନିଶିଖା ବିଶ୍ୱାଳ ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଆଜିର ଏହି ବିଶ୍ୱ ମାନବିକ ଅଧିକାର ଦିବସ ସଂପର୍କରେ ସମ୍ୟକ ଆଲୋଚନା କରି ପିଲାମାନଙ୍କୁ କହିଥିଲେ ଯେ ସମସ୍ତେ ଉତ୍ତମ ଶିକ୍ଷା ପାଇଁ ନିଜକୁ ଭଲ ରୂପେ ଗଢ଼ି ତୋଳିବା ଆବଶ୍ୟକ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ ରୂପେ ଆଗେଇ ନେଇଥିଲେ ।

# ଗୋଲକ ମହାପାତ୍ର ଅନୁଗୁଳ ଜିଲ୍ଲା ବିଜେପିର ନୂତନ ପ୍ରଭାରୀ



ଅନୁଗୁଳ,୧୦।୧୨:(ମନ୍ଥନ)ଅନୁଗୁଳ ଜିଲ୍ଲା ବିଜେପି ର ସାଙ୍ଗଠନିକ ପ୍ରଭାରୀ ଭାବେ ବରିଷ୍ଠ ନେତା ପ୍ରାକ୍ତନ ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର ଙ୍କୁ ଦାୟିତ୍ୱ ମିଳିଛି । ରାଜ୍ୟ ବିଜେପି ପକ୍ଷରୁ ଆଜି ନାମ ଘୋଷଣା ହେବା ପରେ ଅନୁଗୁଳ ଜିଲ୍ଲା ବିଜେପି ପକ୍ଷରୁ ସ୍ୱାଗତ କରାଯାଇଛି । ଗୋଲକ ମହାପାତ୍ର ଜଣେ ଅନୁଭବୀ ନେତା ବିଗତ ନିର୍ବାଚନ ରେ ଢେଙ୍କାନାଳ ପାର୍ଲିଅାମେଣ୍ଟ ର ପ୍ରଭାରୀ ଥିବା ବେଳେ ଅନୁଗୁଳ ଜିଲ୍ଲା ରେ ବହୁ କମ ସମୟ ମଧ୍ୟରେ ସାଙ୍ଗଠନିକ କାର୍ଯ୍ୟ କୁ ସଠିକ ଭାବେ ପରିଚାଳନା କରି ବିଜେପି କୁ ବିଜୟ କରାଇ ଥିଲେ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ପୁନର୍ବାର ଅନୁଗୁଳ ଜିଲ୍ଲା ର ପ୍ରଭାରୀ ହେବା ନିଶ୍ଚିତ ଭାବେ ବିଜେପି ର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଘଟିବ ବୋଲି ବିଜେପି ପ୍ରକାଶ କରିଛି । ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବିଜେପି ରାଜ୍ୟ ସମ୍ପାଦକ କାଳନ୍ଦି ସାମଲ, ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ, ବିଧାୟକ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଅଗସ୍ତି ବେହେରା, ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ପ୍ରାକ୍ତନ ମନ୍ତ୍ରୀ ସଂଜୀବ ସାହୁ ,ପ୍ରାକ୍ତନ ବିଧାୟକ ରମେଶ ସାଏ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ଜୋନାଲ ମିଡ଼ିଅ । ସେଲ ପ୍ରଭାରୀ ପର୍ଶୁରାମ ବାରିକ ଙ୍କ ସମେତ ସମସ୍ତ ଜିଲ୍ଲା ଟିମ ଗୋଲକ ମହାପାତ୍ର ଙ୍କ ଅନୁଗୁଳ ଜିଲ୍ଲା ପ୍ରଭାରୀ ଭାବେ ନୂତନ ଦାୟିତ୍ୱ କୁ ସ୍ୱାଗତ ଜଣାଇଛନ୍ତି ।

# ଡିୱାଇଓର ଦେଶବ୍ୟାପୀ ଦାବି ଦିବସରେ ଦାବିପତ୍ର ପ୍ରଦାନ



ଅନୁଗୁଳ,୧୦।୧୨:(ମନ୍ଥନ)କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ବିଭାଗ ଗୁଡିକରେ ଖାଲି ପଡିଥିବା ସମସ୍ତ ପଦବୀ ଅବିଳମ୍ବେ ପୂରଣ କରିବା ସହିତ ନୂତନ ନିଯୁକ୍ତିର ସୁଯୋଗ ସୃଷ୍ଟି କରିବା, ସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ପାଇଁ ସମସ୍ତ ପରୀକ୍ଷା ପରିଚାଳନା, ପ୍ରଶ୍ନପତ୍ର ପ୍ରସ୍ତୁତି ଆଦି କାର୍ଯ୍ୟ କରିବା, ନିଯୁକ୍ତି ପାଇଁ ହେଉଥିବା ପରୀକ୍ଷାଗୁଡିକରେ ସ୍ୱଚ୍ଛତା ଅବଲମ୍ବନ କରିବା, ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ବନ୍ଦ କରିବାସହ ସମସ୍ତ ପଦବୀରେ ସ୍ଥାୟୀ ନିଯୁକ୍ତି ଦେବା, ବିନା ମୂଲ୍ୟରେ ନିଯୁକ୍ତି ପାଇଁ ଆବେଦନ ଓ ପରୀକ୍ଷାର୍ଥୀ ମାନଙ୍କୁ ରେଳଯାତ୍ରା ପାଇଁ ସୁଯୋଗ ଦେବା, ସାରାଦେଶରେ ଗିଗ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଦେବାସହ ସର୍ବନିମ୍ନ ମଜୁରୀ ଏବଂ ସାମାଜିକ ସୁରକ୍ଷା ପ୍ରଦାନ କରିବା, ରୋଜଗାର ନମିଳିବା ପର୍ଯ୍ୟନ୍ତ ସମ୍ମାନଜନକଭାବେ ଜୀବନଧାରଣ କରିବା ପାଇଁ ବେକାରୀ ଭତ୍ତା ପ୍ରଦାନ କରିବା, ସରକାରୀ ଉଦ୍ୟୋଗଗୁଡିକୁ ଘରୋଇକରଣ କରିବା ପ୍ରକ୍ରିୟାକୁ ବନ୍ଦ କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡି.ୱାଇ.ଓ. ସର୍ବଭାରତୀୟ କମିଟି ଆହ୍ୱାନରେ ଦାବି ଦିବସ ଉପଲକ୍ଷେ ଆଜି ପୂର୍ବାହ୍ନରେ ଡି.ୱାଇ.ଓ. କାର୍ଯ୍ୟକର୍ତ୍ତାମାନେ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସଂଗଠନର ରାଜ୍ୟ ସଭାପତି ମାନସ ପାଳ ବିକ୍ଷୋଭ ସଭାରେ ଯୋଗଦେଇ ଘରୋଇ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟାରେ ହେଉଥିବା ଦୁର୍ନୀତି, ପ୍ରଶ୍ନପତ୍ର ଲିକ୍, ବାରମ୍ବାର ପରୀକ୍ଷା ବାତିଲ୍ ଘଟଣାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂମିକାକୁ ସମାଲୋଚନା କରିବାସହ ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରୀକ୍ଷା ପରିଚାଳନା ପାଇଁ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ନିରନ ନାୟକଙ୍କ ସମେତ ଜ୍ୟୋତ୍ସ୍ନା ସାମଲ, ମଳୟ ବେହେରା, ପ୍ରଭାତ ପ୍ରଧାନ, ଆଶିଷ ସାହୁ, ଅରୁଣ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟିର ବୈଠକ ଓ ସଚେତନତା କାର୍ଯ୍ୟକ୍ରମ

ବଲାଙ୍ଗୀର,୧୦।୧୨:(ମନ୍ଥନ) ବଲାଙ୍ଗୀର ଜିଲ୍ଲା ସ୍ଥିତ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ,ବଲାଙ୍ଗୀର ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ବ୍ଲକ୍ ସ୍ତରୀୟ ଶିଶୁ ସୁରକ୍ଷା କମିଟି ର ବୈଠକ ଓ ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସଦର ବ୍ଲକ୍ ର ଗୋଷ୍ଠି ଉନ୍ନୟନ ଅଧିକାରୀ ହୃଷୀକେସ ଗୌଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁ ମାନଙ୍କରେ ସୁରକ୍ଷା ,ଯତ୍ନ ଉପରେ ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି ର ଦାୟିତ୍ୱ ଗୁରୁତ୍ୱ ପୂର୍ଣ୍ଣ ବୋଲି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ ଖୁଅାସ ବ୍ଲକ୍ ସ୍ତରୀୟ କମିଟି ର ଦାୟିତ୍ୱ ,କର୍ତ୍ତବ୍ୟ,ଭୂମିକା ଉପରେ ଜଣାଇଥିଲେ । କିଶୋର ନ୍ୟାୟ ଆଇନ୍ ୨୦୧୫ ଅନୁଯାଇ ମିଆସନ ବାତ୍ସଲ୍ୟ ଯୋଜନା ଅଧୀନରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଏବଂ ଆଇନ୍ ର ବିରୁଦ୍ଧାଚରଣ କରିଥିବା ଶିଶୁ ଙ୍କ ପାଇଁ ଥିବା ବାଲ୍ୟ ବିବାହ ଆଇନ୍୨୦୦୬, ଗର୍ଭ ନିରୂପଣ ନିଷେଧ ଆଇନ୍ ୧୯୯୪,ଶିଶୁ ଓ କିଶୋର ଶ୍ରମିକ ନିସେଦ ଆଇନ୍ ୧୯୮୬ ,ଶିଶୁ ଙ୍କୁ ଯୌନ ନିର୍ଯାତନା ରୁ ରକ୍ଷା କରିବା ଆଇନ୍ ୨୦୧୨ ଉପରେ ସଚେତନତା କରାଯାଇଥିଲା । ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠି ରେ ଅସୁରକ୍ଷିତ ଘେରରେ ଥିବା ଶିଶୁ ମାନଙ୍କ ପାଇଁ ମିଶନ ବାତ୍ସଲ୍ୟ ୨୦୨୨ ମାର୍ଗଦର୍ଶିକା ଅନୁଜାୟୀ ଥିମ୍ ୩ ଏବଂ ଥିମ୍ ୯ ଅଧିନରେ ଶିଶୁ ମାନଙ୍କୁ ସାହାଯ୍ୟ କରିପାରିବେ ବୋଲି ଜଣାଇଥିଲେ ଏବଂ ଗ୍ରାମ ପଞ୍ଚାୟତ ସ୍ତରୀୟ ଯୋଜନା ପ୍ରସ୍ତୁତି କରିବା,ପଞ୍ଚାୟତ ସ୍ତରୀୟ କମିଟି କୁ କ୍ରିୟାଶୀଳ କରି ବୈଠକ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ୨୪ ଗୋଟି ଗ୍ରାମ ପଞ୍ଚାୟତ ରୁ ପଞ୍ଚାୟତ ପ୍ରତିନିଧି,ପଞ୍ଚାୟତ କାର୍ଯ ନିର୍ବାହୀ ଅଧିକାରୀ, ଏଡିଇଓ ସମେତ ୫୦ ରୁ ଉର୍ଦ୍ଧ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ପଞ୍ଚାୟତ ସାଧନ କେନ୍ଦ୍ର ର ବବିତା ପ୍ରଧାନ, ରିସୋର୍ସ ପର୍ସନ ଗୀତାଞ୍ଜଳି ପ୍ରଧାନ,ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ର ଜିଲ୍ଲା ସଂଯୋଜକ ବିନୟ କୁମାର ସାହୁ ଉପସ୍ଥିତ ଥିଲେ । ପରିଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ହରିବନ୍ଧୁ ରାଉତ୍ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଓଜାର ୬ଷ୍ଠ ବାର୍ଷିକ ଉତ୍ସବ ଓ ପାଠକ ପର୍ବ ଅନୁଷ୍ଠିତ

ଜଗତସିଂହପୁର,୧୦।୧୨:(ମନ୍ଥନ)ଓଡିଶା ସାମ୍ବାଦିକ ସଂଗଠନ, ଜଗତସିଂହପୁର ଜିଲ୍ଲା ଶାଖାର ଷଷ୍ଠ ବାର୍ଷିକ ଉତ୍ସବ ଓ ପାଠକ ପର୍ବ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ଶ୍ରୀ ବୀରବର ଦଳେଇ ଏଥିରେ ଅଧକ୍ଷତା କରିଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ମନୋଜ କୁମାର ଭୋଇ ମୁଖ୍ୟ ଅତିଥି,ବିଜୁ ମେମୋରିଅାଲ ହସପିଟାଲର ଡାକ୍ତର ବସନ୍ତ ରାଉତ, ବରିଷ୍ଠ ସାମ୍ବାଦିକ ନୃସିଂହ ଚରଣ ବାରିକ, ଉପେନ୍ଦ୍ର ଗୁରୁ ସମ୍ମାନୀତ ଅତିଥି,ତରଡାପଡା ଆଇଟିଆଇ ର ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । କୁନି ଝିଅ ଡି ଶ୍ରେୟାସିଂ ସଭା ପ୍ରାରମ୍ଭରେ ବେଦ ପାଠ କରିଥିଲେ । ସଂଗଠନର ସଂପାଦକ ଶ୍ରୀ ପ୍ରମୋଦ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଓଡ଼ିଶା ଭାସ୍କରର ସାମ୍ବାଦିକ ନଳୀନକାନ୍ତ ମଲ୍ଲିକଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ବାଗଦେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିସହ ଅଧାପକ ସୁବାସ ଚନ୍ଦ୍ର ବେହୁରା,ବରିଷ୍ଠ ସାମ୍ବାଦିକ ନୃସିଂହ ବାରିକ,ଅମରେଶ୍ୱର ଦାସ, ଉପେନ୍ଦ୍ର ଗୁରୁ,ଡାକ୍ତର ବସନ୍ତ ରାଉତ, ଜିଲ୍ଲାପରିଷଦ ଅଧକ୍ଷ ମନୋଜ ଭୋଇ,କୁନି ପ୍ରତିଭା ଡି ଶ୍ରେୟାସିଂ ଙ୍କୁ ମଧ ବାଗଦେବୀ ସମ୍ମାନ-୨୦୨୫ ରେ ସମ୍ମାନିତ କରାଯାଇଥିଲା । ସାମ୍ବାଦିକ ବେଣୁଧର ନାୟକ, ସରୋଜ ନାୟକ,ମଳୟ ପାଣି, ରଞ୍ଜିତ ମଲ୍ଲିକ, ସାରଦା ପ୍ରସନ୍ନ ପରିଜା,ପ୍ରଭୁ ମହାନ୍ତି,ଗୌୟରାଙ୍ଗ ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସଂକ୍ଷିପ୍ତ ଶୀତ ଅଧିବେଶନ

ଗଲା ପହିଲାରୁ ଆରମ୍ଭ ହୋଇଥିବା ପାର୍ଲିଆମେଂଟର ଶୀତକାଳୀନ ଅଧିବେଶନ ୧୯ଦିନ ଧରି ଚାଲିବାକୁ ଥିବାବେଳେ ମୋଟ ୧୫ଟି ବୈଠକ ବସିବ। ଅଧିବେଶନ କାଳରେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଥିବା ନେଇ କହିଥିବାବେଳେ ବୃହତ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ଲିଆମେଂଟକୁ ନାଟକ ମଂଚ ଭାବେ ବ୍ୟବହାର ନକରିବାକୁ ବିରୋଧି ଦଳମାନଙ୍କୁ ଚେତାବନୀ ଦେଇଛନ୍ତି। କିନ୍ତୁ ଭୋଟର ତାଲିକା ଯାଂଚ ପାଇଁ ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଚାଲିଥିବା ସ୍ପେଶାଲ ଇଟେଂନସିଭି ରିଭିଜନ (ଏସଆଇଆର)କୁ ନେଇ ସଂକ୍ଷିପ୍ତ ଅଧିବେଶନର ତିନୋଟି ମୂଲ୍ୟବାନ କାର୍ଯ୍ୟଦିବସ ସମ୍ପୂର୍ଣ୍ଣ ଧୋଇ ଯିବା ପରେ ଶେଷରେ ଏହା ଉପରେ ଆଲୋଚନା ପାଇଁ ସହମତି ପ୍ରକାଶ କରିଛନ୍ତି। ଏସଆଇଆର ଉପରେ ଆସନ୍ତା ୯ତାରିଖ ଦିନ ସ୍ୱତନ୍ତ୍ର ଆଲୋଚନା ହେବ। ସେହିପରି ଶୀତକାଳୀନ ଅଧିବେଶନ ମଧ୍ୟରେ ଏହା ସବୁଠୁ ସଂକ୍ଷିପ୍ତ ଥିବା ବିରୋଧି ଦଳଗୁଡିକ ଦର୍ଶାଇଥିବାବେଳେ ଲୋକସଭାରେ ବିରୋଧି ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରି କହିଛନ୍ତି ଯେ, ବିଦେଶୀ ପଦାଧିକାରୀଙ୍କ କୁଟନୈତିକ କାର୍ଯ୍ୟକ୍ରମରେ ସରକାର ବିରୋଧି ଦଳ ନେତାଙ୍କୁ ଦୂରେଇ ରଖିଛନ୍ତି। ଯାହାକି ପରମ୍ପରାର ଉଲଂଘନ। କେବଳ ଏତିକି ନୁହେଁ, ରୁଷ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ସମ୍ମାନାର୍ଥେ ରାଷ୍ଟ୍ରପତିଙ୍କ ପକ୍ଷରୁ ଆୟୋଜିତ ନୈଶ ଭୋଜି ସଭାକୁ ଉଭୟ ଲୋକସଭା ଓ ରାଜ୍ୟସଭାର ବିରୋଧି ଦଳନେତାଙ୍କୁ ଆମନ୍ତ୍ରଣ କରାଯାଇନଥିବାବେଳେ କେତେକ ସାଂସଦଙ୍କୁ ଆମନ୍ତ୍ରଣ କରାଯିବା ଘଟଣାକୁ ନେଇ ଗୃହରେ ବାତାବରଣ ଉଷ୍ମ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏହାକୁ ମୁଖ୍ୟ ବିରୋଧି ଦଳ ଏକ ପ୍ରସଙ୍ଗ କରିବା ଆଶା କରାଯାଏ। ସରକାର ଓ ବିରୋଧି ଦଳ ମଧ୍ୟରେ ପରସ୍ପର ବିରୋଧି ସମ୍ପର୍କରେ କୌଣସି ଆଖିଦୃଷ୍ଟିଆ ଉନ୍ନତି ଦେଖାଯାଉନଥିବା ସତ୍ୱେ ଉପ-ରାଷ୍ଟ୍ରପତି ତଥା ରାଜ୍ୟସଭାର ଅଧ୍ୟକ୍ଷ ସିପି ଠାକୁର ସମ୍ପର୍କରେ କେତେକ ସୁଧାର ଆଣିବା ଆଶା କରାଯାଏ। ଉଲ୍ଲେଖଯୋଗ୍ୟ ଯେ, ପାର୍ଲିଆମେଂଟର ଚଳିତ ଅଧିବେଶନରେ ସରକାର କେତେକ ଅଭିଳାଷିତ ବିଧେୟକ ସମେତ ମୋଟ ୧୪ଟି ବିଲ୍ ଗୃହରେ ଆଗତ କରିବା କାର୍ଯ୍ୟସୂଚୀ ରହିଛି, ଯାହାକି ଗୃହରେ ରାଜନୈତିକ ଝଡ ସୃଷ୍ଟି କରିବା ଆଶଙ୍କା ରହିଛି। କହିବା ବାହୁଲ୍ୟ ଯେ, ଅପରାଧିକ ନ୍ୟାୟ ପଦ୍ଧତିର ସରଳୀକରଣ ପାଇଁ ଜନ ବିଶ୍ୱାସ (ବ୍ୟବସ୍ଥାର ସଂଶୋଧନ) ବିଲ୍-୨୦୨୫ ଏକ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଭାବେ ମନେ କରାଯାଉଥିବା ବେଳେ ଏହାର ହିନ୍ଦି ନାମକରଣକୁ ଦକ୍ଷିଣ ଭାରତୀୟ ରାଜ୍ୟର ବିରୋଧି ଦଳଗୁଡିକ ଦୃଢ ବିରୋଧ କରିପାରନ୍ତି। ସେହିପରି ଉଚ୍ଚଶିକ୍ଷା କମିଶନ ବିଲ୍, ଯାହାକି ୟୁଜିସି ପରି କେତେକ ସଂସ୍ଥାର ଗଠନଗତ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ରହିଛି। ଏଥିରେ କେନ୍ଦ୍ର ସରକାରଙ୍କ ଏକଚାଟିଆ ଆଧିପତ୍ୟକୁ ବିରୋଧି ଦଳଗୁଡିକ ଦୃଢ ବିରୋଧି କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ସେହିପରି ଏଜେଣ୍ଡାରେ ଜାତୀୟ ରାଜପଥ (ସଂଶୋଧନ) ବିଲ୍, ଅଟୋମିକ ଏନର୍ଜି ବିଲ, ଦି ଆର୍ବିଟ୍ରେସନ ଆଣ୍ଡ କନସିଲିଏସନ (ସଂଶୋଧନ) ବିଲ୍ ଆଦି ସଂସଦରେ ଅନୁମୋଦନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଗୃହରେ ସ୍ୱାସ୍ଥ୍ୟ ସୁରକ୍ଷାରୁ ଜାତୀୟ ସୁରକ୍ଷା ଠୋସ୍ ବିଲ୍ ଅନୁମୋଦିତ ହୋଇସାରିଛି। ଯେଉଁ ଆଇନରେ ତମାଖୁ ଉତ୍ପାଦିତ ସାମଗ୍ରୀ ଉପରେ ଅତିରିକ୍ତ ସେସ୍ ବା କର ଲାଗୁ ପ୍ରସ୍ତାବ ରହିଛି। ଉଭୟ ଲୋକସଭା ଓ ରାଜ୍ୟସଭାରେ ଏସଆଇଆର ପରିପ୍ରେକ୍ଷୀରେ ନିର୍ବାଚନ ସଂସ୍କାର, ଏବଂ ଜାତୀୟ ସଂଗୀତ ବନ୍ଦେ ମାତରଂ ରଚନାର ୧୫୦ତମ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଆଲୋଚନା ହେବା କାର୍ଯ୍ୟକ୍ରମ ରହିଛି। ନିର୍ବାଚନ ସଂସ୍କାର ନେଇ ଏସଆଇଆର ଉପରେ ଉଭୟ ଶାସକ ଓ ବିରୋଧି ସଦସ୍ୟମାନେ ମୁହାଁମୁହିଁ ହେବା ଆଶଙ୍କା ରହିଛି। ନିର୍ବାଚନ ସଂସ୍କାର ନେଇ ଦେଶରେ ଏକକାଳୀନ ନିର୍ବାଚନ ପାଇଁ ସରକାର ଅଗ୍ରାଧିକାର ଦେଇଥିବାବେଳେ ଭୋଟର ତାଲିକା ପ୍ରସ୍ତୁତି ଓ ନିର୍ବାଚନ ପରିଚାଳନାରେ ଜାଲିଆତି ନେଇ ବିରୋଧି ଦଳ ଆନ୍ଦୋଳନାତ୍ମକ ଆଭିମୁଖ୍ୟ ଗୃହକୁ ସରଗରମ କରିଦେଇପାରେ। ଆହୁରି ମଧ୍ୟ ବିରୋଧି ଦଳଗୁଡିକ ଦିଲ୍ଲୀ ବିସ୍ଫୋରଣ, କୃଷକ ସମସ୍ୟା, ଦରବୃଦ୍ଧି, ପ୍ରଦୁଷଣ, ବିରୋଧିଙ୍କ ବିରୁଦ୍ଧରେ କେନ୍ଦ୍ରୀୟ ତଦନ୍ତ ଏଜେନ୍ସିଗୁଡ଼ିକୁ ନିୟୋଜିତ କରିବା, ଆମେରିକା ସହ ଚାଲିଥିବା ବାଣିଜ୍ୟ ଆଲୋଚନା ଆଦି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧି ଦଳଗୁଡିକ ଆଲୋଚନା ଦାବି କରିବା ସମ୍ଭାବନା ରହିଛି। ଏହା ନିସନ୍ଦେହ ଯେ, କାର୍ଯ୍ୟସୂଚୀ ଦୃଷ୍ଟିରୁ ଅଧିବେଶନ ସଂକ୍ଷିପ୍ତ ହେଲେ ବି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସେହିପରି ସରକାର ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଏବଂ ମତାନ୍ତର ହ୍ରାସ ପାଇଁ ଅଧିବେଶନକୁ ଉଭୟ ଶାସକ ଓ ବିରୋଧି ଏକ ସୁଯୋଗ ଭାବେ ବ୍ୟବହାର କରିବାର ସମୟ ଆସିଛି।

# ଜୟୀ ରାଜଗୁରୁ

## ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ସଂଗ୍ରାମୀଙ୍କ ମଧ୍ୟରେ ସହିଦ ଜୟୀ ରାଜଗୁରୁ ଅନ୍ୟତମ। ଗୋରା ଶାସକ ବିରୋଧରେ ଉତ୍କଳର ପ୍ରତିଟି ପ୍ରାଣରେ ସେ ବିପ୍ଲବର ବହ୍ନି ଜାଳିଥିଲେ। ୧୭୩୯ ଅକ୍ଟୋବର ୨୯ ଆଁଳା ନବମୀରେ ପୁରୀ ଜିଲ୍ଲାର ହରେକୃଷ୍ଣପୁର ଗ୍ରାମରେ ରାଜଗୁରୁ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପ୍ରକୃତ ନାମ ଜୟକୃଷ୍ଣ ରାଜଗୁରୁ ମହାପାତ୍ର, କିନ୍ତୁ ଓଡ଼ିଶାବାସୀଙ୍କ ପାଇଁ ସେ ଜୟୀ ରାଜଗୁରୁ। ସେ ଜଣେ ମେଧାବୀ ଛାତ୍ର ଥିଲେ। ବେଦ, ପୁରାଣ ଓ ଶାସ୍ତ୍ର ଅଧ୍ୟୟନ କରି କେବଳ ବଂଶ-ପରମ୍ପରାର ରାଜ ପୁରୋହିତ ନଥିଲେ, ଶାସ୍ତ୍ର ବିଶାରଦ, ଭାଷାବିତ୍, ରାଜନୈତିକ ପରାମର୍ଶଦାତା ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଥିଲେ। ଉତ୍କଳର ତତ୍କାଳୀନ ରାଜାମାନେ ତାଙ୍କୁ ନିଜର ମନ୍ତ୍ରୀ ଓ ଉପଦେଷ୍ଟା କରିବାକୁ ଚାହୁଁଥିଲେ। ବାପାଙ୍କ ଅନ୍ତେ ଖୋରଧା ରାଜା ଦିବ୍ୟସିଂହ ଦେବଙ୍କ ରାଜସଭାରେ ସେ ରାଜଗୁରୁ ତଥା ମନ୍ତ୍ରୀ ଭାବେ ପ୍ରତିଷ୍ଠିତ ହୋଇଥିଲେ। ତା'ପରେ ସେ ରାଜଗୁରୁ ପାଲଟିଗଲେ। ଖୋରଧା ରାଜାଙ୍କୁ ଉତ୍କଳର ଶାସକ ଭାବେ ପ୍ରତିଷ୍ଠିତ କରିବା ପାଇଁ ସେ ଉଦ୍ୟମ ଚଳାଇଥିଲେ। ଖୋରଧା ପାଇକ ଜାଗରଣରେ ତାଙ୍କ ଉଦ୍ୟମ ଉଲ୍ଲେଖଯୋଗ୍ୟ। ୧୮୦୩ରେ ଇଂରେଜମାନେ ଓଡ଼ିଶା ଅକ୍ତିଆର କରିବା ପରେ ଖୋରଧା ରାଜାଙ୍କ ଠାରୁ କର ମାଗିଲେ ଏବଂ ସେମାନଙ୍କ ବଶତା ସ୍ୱୀକାର କରିବାକୁ ବାଧ୍ୟ କଲେ। ରାଜଗୁରୁଙ୍କ ସ୍ୱାଭିମାନକୁ ଏହା କଠୋର ଆଘାତ ଦେଲା। ଫିରିଙ୍ଗି ଆଗରେ ମୁଣ୍ଡ ନୁଆଁଇବୁ ନାହିଁ ବୋଲି ପଣ କରି ପ୍ରତ୍ୟେକ ଘରୁ ଜଣକୁ ସୈନିକ କରି ସେ ନିଜ ସୈନ୍ୟବାହିନୀରେ ମିଶାଇଲେ। ବାହ୍ୟ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ବରୁଣେଇ ଗଡ଼କୁ ସୁଦୃଢ଼ କରିଥିଲେ। ଇଂରେଜ ବିରୁଦ୍ଧରେ ଗରିଲା ଯୁଦ୍ଧକୌଶଳ ରାଜଗୁରୁ ଆରମ୍ଭ କରିଥିବା କୁହାଯାଏ। ଇଂରେଜମାନେ ଶେଷରେ ଦେଶଦ୍ରୋହୀଙ୍କୁ ପ୍ରଲୋଭିତ କରି ରାଜଗୁରୁଙ୍କୁ ବନ୍ଦୀ କରିବା ସହ ଓଡ଼ିଶାର ଶେଷ ସ୍ୱାଧୀନ ଦୁର୍ଗ ଅକ୍ତିଆର କରିନେଲେ। ୧୮୦୬ରେ ତାଙ୍କୁ ବିଚାର ପାଇଁ ମେଦିନୀପୁର ପଠାଇ ଦିଆଗଲା। ବିଚାର ପରେ ଡିସେମ୍ବର ଆଜିର ଦିନ ତାଙ୍କୁ ଅମାନୁଷିକ ଭାବେ ହତ୍ୟା କରାଗଲା। ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗୋରା ଶାସକଙ୍କ ଆଗରେ ମୁଣ୍ଡ ନୁଆଁଇ ନଥିବା ଜୟୀ ରାଜଗୁରୁଙ୍କ ଅବଦାନକୁ ଓଡ଼ିଶା ମାଟି ଚିରକାଳ ଝୁରିବ, ଏଥିରେ ସନ୍ଦେହ ନାହିଁ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମି', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ସେଲିବ୍ରିଟି ବା ଲୋକପ୍ରିୟ ବ୍ୟକ୍ତିତ୍ୱଙ୍କ ଜୀବନଶୈଳୀ ଓ ସମାଜ ଉପରେ ଏହାର ପ୍ରଭାବ

## ଦୁର୍ଗେଶ ନନ୍ଦନ ମହାପାତ୍ର

ଭାରତ ଆଧ୍ୟାତ୍ମିକତାର ଦେଶ ଓ ଈଶ୍ୱର ଭକ୍ତି ଏହାର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହା ସାଧୁସନ୍ଥ, ମହାନ ବ୍ୟକ୍ତି ଓ ମହାପୁରୁଷଙ୍କ ଭୂମି କହିଲେ ଅତ୍ୟୁକ୍ତି ହେବନାହିଁ । କିନ୍ତୁ ଅନ୍ୟଭାଷାରେ କହିବାକୁ ଗଲେ ଏହାମଧ୍ୟ ତାରକାମାନଙ୍କ ଭୂମି ପାଲଟିଛି ଯେଉଁମାନଙ୍କୁ ଆମେ ଇଂରାଜୀରେ ସେଲିବ୍ରିଟି ବୋଲି କହିଥାଉ । ଭାରତରେ ତଥା ଆମ ରାଜ୍ୟ ଓଡ଼ିଶାରେ ଖେଳ,ରାଜନୀତି,ବିଜ୍ଞାନ,ଅର୍ଥନୀତି ଓ ମନୋରଞ୍ଜନ ଇତ୍ୟାଦି କ୍ଷେତ୍ରରେ ନାଁ କରିଥିବା ଅନେକ ସେଲିବ୍ରିଟିମାନଙ୍କୁ ଆମେ ଜାଣିଛୁ ଯେଉଁମାନେ ଜନସାଧାରଣମାନଙ୍କ ମନରେ ଅନେକ ଛାପ ଛାଡ଼ିଥାନ୍ତି ବିଶେଷକରି ଯୁବଗୋଷ୍ଠୀଙ୍କ ଉପରେ ଏମାନଙ୍କର ପ୍ରବଳ ପ୍ରଭାବ ପଡିଥାଏ ।

ଜାତୀୟସ୍ତରୀୟ ବଲିଉଡ ହେଉ କିମ୍ବା ଆଞ୍ଚଳିକ ସ୍ତରରେ ଦେଖିବାକୁ ଗଲେ ଆମ ରାଜ୍ୟର ଅଭିନେତା ଅଭିନେତ୍ରୀ ଓ ଗାୟକ/ଗାୟିକାମାନେ ହୁଅନ୍ତୁ ଏମାନଙ୍କ ପ୍ରତି ଜନସାଧାରଣମାନଙ୍କର ଅତି ମାତ୍ରାରେ ଆକର୍ଷଣଥିବା ଅନୁଭବ କରାଯାଏ । ମୋଟାମୋଟି ଭାବେ କହିବାକୁ ଗଲେ ଆଜିର ଇଣ୍ଟରନେଟ ବା ଡିଜିଟାଲ ଯୁଗରେ ସେଲିବ୍ରିଟି ଶବ୍ଦଟି ଏବେ ଇନଫ୍ଲୁଏନ୍ସର ଶବ୍ଦ ସହ ମିଶିଯାଇଛି । ଅତଏବ ବର୍ତ୍ତମାନ ସମୟର ସମାଜ ଉପରେ ପ୍ରଭାବ ପକାଉଥିବା ଲୋକପ୍ରିୟ ବ୍ୟକ୍ତିବିଶେଷମାନଙ୍କୁ ଇନଫ୍ଲୁଏନ୍ସର ଓ ଯେଉଁମାନେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଲୋକପ୍ରିୟ ଅଟନ୍ତି ସେମାନଙ୍କୁ ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର ବୋଲି କୁହାଯାଉଛି । ୧୯୯୭ ରୁ ୨୦୧୨ (୧୯୯୭-୨୦୧୨) ମସିହା ମଧ୍ୟରେ ଜନ୍ମିତ ପିଲାଙ୍କୁ ଜେନ ଜି ବା ଜେନେରେସନ ଜେଡ ବୋଲି କୁହାଯାଉଛି । ଏହି ଜେନେରେସନର ପିଲାମାନେ ଯେହେତୁ କି ସୋସିଆଲ ମିଡ଼ିଆ ବା ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର କରିଥାନ୍ତି ସେଥିପାଇଁ ସେମାନଙ୍କ ସମୟର ଅର୍ଥାତ ବର୍ତ୍ତମାନ ସମୟର ନୂତନ ଉଦ୍ଭାବିତ ଶବ୍ଦ ଟି ହେଉଛି ସୋସିଆଲ ମିଡ଼ିଆ ଇନଫ୍ଲୁଏନ୍ସର । ବର୍ତ୍ତମାନ ଲୋକପ୍ରିୟତାର ସଂଜ୍ଞା ବଦଳିଯାଇଛି ଅତଏବ ସେଲିବ୍ରିଟିର ସଂଜ୍ଞା ମଧ୍ୟ ବଦଳିଯାଇଛି । ଆଗରୁ ହାତଗଣତି କ୍ଷେତ୍ରର କିଛି ବ୍ୟକ୍ତିବିଶେଷମାନଙ୍କୁ ତାରକା ବା ସେଲିବ୍ରିଟି ବୋଲି କୁହାଯାଉଥିଲା । କିନ୍ତୁ ଏବେ ସାମାଜିକ ଗଣମାଧ୍ୟମରେ ନିଜର ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ବା ବିଷୟବସ୍ତୁ ପ୍ରଦର୍ଶିତ କରି ଯିଏ ଯେତେ ମିଲିୟନ ଭ୍ୟୁ, ଲାଇକ, କମେଣ୍ଟ ଓ ସେୟାର ନେଇଆସିପାରିଲା ସିଏ ହୋଇଗଲା ସେଲିବ୍ରିଟି ବା ଇନଫ୍ଲୁଏନ୍ସର ।

ତେବେ ସେ ଯାହା ବି ହେଉ ଜାତୀୟରୁ ଆଞ୍ଚଳିକସ୍ତର ଯାଏଁ ଅନେକ ଇନଫ୍ଲୁଏନ୍ସର ସାମ୍ନାକୁ ଆସୁଛନ୍ତି ଯାହାଙ୍କର ଫ୍ୟାନ ଫଲୋୟର ସଂଖ୍ୟା କୋଟି କୋଟିରେ ପହଁଚୁଛି । ଖାଲି ବିଡମ୍ବନାର ବିଷୟ ଏତିକି ଥାଏ ଯେ କିଛି ନିଜର ଅସଲ ପ୍ରତିଭା



ଦେଖାଇ ଲୋକପ୍ରିୟ ଇନଫ୍ଲୁଏନ୍ସର ହେଉଥିବା ବେଳେ ଆଉ କିଛି ଅଶ୍ଳୀଳ କଣ୍ଟେଣ୍ଟ ପ୍ରଦର୍ଶିତ କରି ଶସ୍ତା ଇନଫ୍ଲୁଏନ୍ସର ହୋଇଯାଉଛନ୍ତି, ଯାହାର ସମାଜ ଉପରେ ଅନେକ କୁପ୍ରଭାବ ପଡୁଛି । ଏବେ ଆମେ ଆସିବା ମୁଖ୍ୟ ଶୀର୍ଷକ ବିଷୟବସ୍ତୁ ଉପରକୁ ଯାହାର ନାଁ 'ସେଲିବ୍ରିଟି ବା ଲୋକପ୍ରିୟ ବ୍ୟକ୍ତିବିଶେଷଙ୍କ ଜୀବନଶୈଳୀ ଓ ସମାଜ ଉପରେ ଏହାର ପ୍ରଭାବ' । ଅନେକ କଥା ଚିନ୍ତାକରି ଏହି ଆଲେଖ୍ୟଟି ଉପସ୍ଥାପିତ କରୁଛି । ବିଶେଷ ଭାବେ ଏଠି ଉଲ୍ଲେଖ କରିବାକୁ ଚାହୁଁଛି ଯେ ଖୁବ କମ ସମୟ ଅର୍ଥାତ ମାତ୍ର ଦଶ ବର୍ଷର ଅବଧି ମଧ୍ୟରେ ଓଡ଼ିଶାର ଘରେ ଘରେ ଲୋକପ୍ରିୟ ହୋଇଥିବା ଗାୟକ ଶ୍ରୀ ହ୍ୟୁମାନ ସାଗରଙ୍କ ବିଷୟରେ । ମାତ୍ର ୩୪ ବର୍ଷ ବୟସରେ ଲିଭର ଶିରୋସିସ ଓ ମଲ୍ଟିପଲ ଅର୍ଗାନ ଫେଲୁଅର ହୋଇ ଭୁବନେଶ୍ୱର ସ୍ଥିତ ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ସେ ଚାଲିଗଲା ପରେ ଅନେକ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି । ପରିବାର ଲୋକ ସମେତ ଅନେକ ଲୋକ କହୁଛନ୍ତି ମୃତ୍ୟୁର କାରଣ ନେଇ ତଦନ୍ତ ହେବା ଜରୁରୀ । କିନ୍ତୁ ମୁଖ୍ୟ କଥା ଯାହା ଓଡ଼ିଶାର ଜନସାଧାରଣଙ୍କ ଭିତରେ ଚର୍ଚ୍ଚା ହେଉଛି ତାହା ହେଉଛି ବିଗତ କିଛି ବର୍ଷ ଧରି ଓଡ଼ିଶାର କିଛି ଲୋକପ୍ରିୟ କଳାକାର ବିଶେଷଭାବେ ଲିଭର ଶିରୋସିସ କିମ୍ବା ଆନ୍ତରୀଣ ଅଙ୍ଗ ଅକ୍ଷମ ହେବା ଦ୍ୱାରା ଅକାଳ ରେ ଝଡ଼ିପଡୁଛନ୍ତି କିମ୍ବା ଖର୍ଚ୍ଚ ବହୁଳ ଚିକିତ୍ସା ମଧ୍ୟ ଦେଇ ଗତି କରୁଛନ୍ତି ଓ ଏହା ସିଧାସଳଖ ଇଙ୍ଗିତ କରୁଛି ସେମାନଙ୍କର ନିଶା ସେବନର ମାରାତ୍ମକ ଅଭ୍ୟାସ ଆଡକୁ । ପାରିବାରିକ କଳହ, ଚିନ୍ତା, ଡିପ୍ରେସନ ଇତ୍ୟାଦି ସମସ୍ତଙ୍କ ଘରେ ରହିଛି । ହଁ ଏହା ସତ ଯେ ସେଲିବ୍ରିଟିଙ୍କ ଜୀବନରେ କିଛି ବି ଘଟିଲେ ଗଣମାଧ୍ୟମ ଦ୍ୱାରା ଶୀଘ୍ର ଲୋକଲୋଚନକୁ ଆସିଯାଏ । ସେଥିପାଇଁ ଇନଫ୍ଲୁଏନ୍ସର କୁହନ୍ତୁ ବା ସେଲିବ୍ରିଟି କୁହନ୍ତୁ ସେମାନଙ୍କ ଦାୟିତ୍ୱ ବୋଧ ଆହୁରି ବଢିଯାଏ । କିନ୍ତୁ ସେସବୁ ନେଇ ସଚେତନତା ରଖିବା ତ ଦୂରର କଥା ସତେ ଯେମିତି ଏବେ ସେମାନଙ୍କ ଖାମଖିଆଲି ମନୋଭାବ ସମାଜର ବିଶିଷ୍ଟ ବର୍ଗ ବିଶେଷ କରି ଯୁବଗୋଷ୍ଠୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇ ସେମାନଙ୍କୁ ନୈତିକ ସ୍ତରରୁ ବିକଳାଙ୍ଗ କରୁଛି । ନିଜ ନିଜ କ୍ଷେତ୍ରରେ ସଫଳତାର ସିଢ଼ି ଚଢିସାରି ମଧ୍ୟ ବ୍ୟକ୍ତିଗତ କାରଣ ପାଇଁ ଡିପ୍ରେସନରେ ରହି ନିଶା ସେବନର ଶିକାର ହୋଇ ନିଜ ଦେହ ଖରାପ କରି ଦୁରାରୋଗ୍ୟ ରୋଗରେ ପଡି କିଏ ଚିକିତ୍ସିତ ହେଉଛନ୍ତି ତ ଆଉ କିଏ କଷ୍ଟ ଯନ୍ତ୍ରଣାରେ ଘାଣ୍ଟି ହୋଇ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି ।

ତେବେ କଥା ଉଠୁଛି ଯେ ଏହି ସେଲିବ୍ରିଟି ବା ଇନଫ୍ଲୁଏନ୍ସରମାନେ ସମାଜ ପ୍ରତି ନିଜ ଦାୟିତ୍ୱ ନେଇ ଜମା ସଚେତନ ନାହାନ୍ତି କିମ୍ବା ନିଜ ବ୍ୟକ୍ତିତ୍ୱକୁ ଏତେ ହାଲକା ଭାବରେ ନେଇଛନ୍ତି ଯେ ସେମାନଙ୍କୁ ଅନୁକରଣ ଓ ଅନୁସରଣ କରୁଥିବା ଯୁବପିଢ଼ିଙ୍କ ଉପରେ ତାଙ୍କର ଏହିଭଳି ଜୀବନଶୈଳୀର କିପରି ପ୍ରଭାବ ପଡିବ ସେକଥା ସେମାନେ ଜାଣି ମଧ୍ୟ ପାରୁନାହାନ୍ତି । ବିଡମ୍ବନାର କଥା ହେଉଛି ଏହାଦ୍ୱାରା କିଛି ଉଚ୍ଚସ୍ତରର ସଫଳ ମଣିଷମାନଙ୍କର ଖରାପ ଓ ବିଶୃଙ୍ଖଳିତ ଜୀବନଶୈଳୀ ଯେ କିପରି ସେମାନଙ୍କୁ ଅଧୋଗତି ଆଡକୁ ଟାଣି ନେଉଛି ତାହା ଆଜିର ସମାଜ ଆଖିରେ ଜ୍ୱଳନ୍ତ ଉଦାହରଣ ହୋଇ ଦେଖାଯାଉଛି । ନିଜ ନିଜ କ୍ଷେତ୍ରରେ ଏତେ ମାତ୍ରାରେ ସଫଳତା ପାଇ ମଧ୍ୟ ନିଜେ ମାନସିକ ରୂପରେ ସୁସ୍ଥ ରହିପାରୁଛନ୍ତି ନା ଶାରୀରିକ ଭାବରେ... !

ମୋଟାମୋଟି ଭାବେ ଏଠାରେ ଏହା କୁହାଯାଇପାରେ ଯେ ସମାଜର ଯେଉଁ ସଫଳ ବ୍ୟକ୍ତିବିଶେଷମାନଙ୍କୁ ଏ ଯୁବସମାଜ ବିଶେଷ ଭାବେ ଅନୁକରଣ କରୁଛି ସେହି ଅନୁକରଣଟି କେବଳ ତାଙ୍କ ପ୍ରତିଭା ପାଇଁ ରହୁ ଓ ସେମାନେ କିପରି ଜୀବନଶୈଳୀ ରଖୁଛନ୍ତି ସେସବୁ ପାଇଁ ନ ରହୁ ।

ଆଲେଖ୍ୟର ଶେଷ ଭାଗରେ କିଛି ନିରୋଳା ପ୍ରଶ୍ନ.... ! ଏହି ତାରକାମାନଙ୍କ ନୈତିକ ଦାୟିତ୍ୱ ଆମ ସମାଜ, ରାଜ୍ୟ ଓ ଦେଶ ପ୍ରତି କଣ ରହିଛି ? ଏମାନଙ୍କର ଲକ୍ଷଲକ୍ଷ କୋଟିକୋଟି ଫ୍ୟାନ ଫଲୋୟର ଥାଇକି ବି ସେମାନେ କଣ ନିଜ ସାମାଜିକ ଦାୟିତ୍ୱ ଠିକ ଭାବେ ପାଳନ କରୁଛନ୍ତି କି ? କଣ ସେମାନଙ୍କ ଦାୟିତ୍ୱ କେବଳ ସେମାନଙ୍କ ପ୍ରତିଭା ଦ୍ୱାରା ଫ୍ୟାନ ଫଲୋୟର ଯୋଡିବାରେ ସୀମିତ କି... ? କଣ ସେମାନଙ୍କ ଜୀବନଶୈଳୀ ବା ଲାଇଫ ଷ୍ଟାଇଲର ପ୍ରଭାବ ତାଙ୍କ ଫ୍ୟାନ ଫଲୋୟରଙ୍କ ଉପରେ ଗଭୀର ମାତ୍ରାରେ ପଡିପାରେ ବୋଲି ସେମାନେ ଭୁଲିଯାଇଛନ୍ତି କି... ?

ପରିଶେଷରେ ଏତିକି କୁହାଯାଇପାରେ ଯେ ସେଲିବ୍ରିଟି ବା ଇନଫ୍ଲୁଏନ୍ସରମାନଙ୍କୁ ଭଲ ପାଇବା ବା ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକର୍ଷିତ ହେବା ମନ୍ଦ ନୁହେଁ କିନ୍ତୁ ଅନ୍ଧ ଭାବେ ଫଲୋ ନ କରିବା ବା ବିଶେଷଭାବେ ସେମାନଙ୍କ ଜୀବନଶୈଳୀକୁ ଫଲୋ ନ କରିବା ହିଁ ସମାଜ ପ୍ରତି ମଙ୍ଗଳପ୍ରଦ ହେବ । ଯେତେବେଳେ ଆମେ କିଛି ଲୋକଙ୍କୁ ତାରକା ବା ସେଲିବ୍ରିଟିର ଆଖ୍ୟା ଦେଇଛନ୍ତି ତେବେ ସେଠାରେ ତାଙ୍କର ପ୍ରତିଭା କଥା ଯେତିକି ଆସୁଛି ସେତିକି ତାଙ୍କର ଆଚାର, ବ୍ୟବହାର, ଜୀବନଶୈଳୀର ପ୍ରଭାବ ତଥା ସାମାଜିକ ଦାୟିତ୍ୱ ଓ ନୈତିକତାର କଥା ମଧ୍ୟ ସେତିକି ଆସୁଛି ଯାହାର ବିଚାର କରିବା ନିହାତି ଆବଶ୍ୟକ । ଏକ ସୁସ୍ଥ ସମାଜ ଓ ଦେଶ ପାଇଁ ଏହା ଅନିର୍ବାର୍ଯ୍ୟ ।

ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର,ସାମ୍ବାଦିକ ଓ ଉପସ୍ଥାପକ
ଭୁବନେଶ୍ୱର

# ଅବିସ୍ମରଣୀୟ ଶିକ୍ଷକ ଓ ସଂଗଠକ ବିନାୟକ ଆଚାର୍ଯ୍ୟ ଏକ ଦୃଷ୍ଟିପାତ

## କୈଳାସ ଚନ୍ଦ୍ର ଦାଶ

ଏହା ଅସିଦ୍ଧ ଘୋଷିତ ହେବା ପରେ ବ୍ରହ୍ମପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀରେ ୧୯୫୩ରେ ପୁଣି ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ବିନାୟକ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ପଦବୀ ଛାଡି ଏହି ଉପ ନିର୍ବାଚନରେ ସାମ୍ୟବାଦୀ ଦଳର ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କଲେ ନିଆଁଖୁଣ୍ଟା ପତ୍ରିକାର ସେପ୍ଟେମ୍ବର ୧୯୫୩ ସଂଖ୍ୟାରେ ଡାମରାକାଉରେ ଡାମରାକାଉ କବିତାରେ ଏହି ନିର୍ବାଚନକୁ ବ୍ୟଙ୍ଗ କରାଯାଇ କୁହାଯାଇଥିଲା-

ତେଣୁ ମୁଁ କହୁଛି ଯିବୁତୁ ଉଡି
ଡେଇଁ ବାଲେଶ୍ୱର, କଟକ, ପୁରୀ
ପାରି ନହେବୁତୁ ଗଞ୍ଜାମ ଜିଲ୍ଲା
ଶୁଣିବୁ ଲାଗିଛି ବିଷମ ବାଲା
ପାନ-ବୃନ୍ଦାବନ ମୋହନ ଦଳ
ନବ ବଳେ ବଳୀୟାନ ପ୍ରବଳ
ଧରି ରାଧାନାଥ ପଦ-ଯୁଗଳ
କହୁଛନ୍ତି ନାଥ ! ନାୟକ କର
ବୁଡି ଯାଉଥିବା ଡଙ୍ଗାରେ ବସି
ଯେଉଁ ଡଙ୍ଗା ନାଁ ଦାସ ଶ୍ରୀ ବିଶି-
ପାରି ହେବା ପାଇଁ ଭୋଟ ସାଗର
ଜାଳୁଛନ୍ତି ବସି ଆଶା-ଜାଗର
ପାଖେ ବିନାୟକ, ପାଖେ ଶ୍ରୀରାମ
ସମର ଲାଗିଛି ଅତି ବିଷମ

ଆଚାର୍ଯ୍ୟ ଏହି ନିର୍ବାଚନରେ କିନ୍ତୁ ପରାସ୍ତ ହୋଇଗଲେ ବୃନ୍ଦାବନ ନାୟକ କଂଗ୍ରେସ ପ୍ରାର୍ଥୀ ୧୪୬୯୪ ଭୋଟ ପାଇ ବିଜୟ ଲାଭ କରିଥିଲେ ବିନାୟକ ଆଚାର୍ଯ୍ୟ ୧୦୪୬୮ ଭୋଟ ପାଇ ପରାସ୍ତ ହୋଇଗଲେ (ଚୌଧୁରୀ ବିଷ୍ଣୁଚରଣ, "ବିନାୟକ ଆଚାର୍ଯ୍ୟ:ଏକ ବହୁମୁଖୀ ବ୍ୟକ୍ତିତ୍ୱ, ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା ମାଳା, ୨୦୦୫, ବିନାୟକ ଆଚାର୍ଯ୍ୟ କଲେଜ, ବ୍ରହ୍ମପୁର) ଉପ ନିର୍ବାଚନରେ ପରାଜିତ ହେଲେ ସତ, ବିନାୟକ ବାବୁ ଏହି ପ୍ରତିଦ୍ୱନ୍ଦ୍ୱିତାରେ ସମଗ୍ର ଗଞ୍ଜାମ ଜିଲ୍ଲାରେ ଅଭୁତପୂର୍ବ ଜନ ଜାଗରଣ ସୃଷ୍ଟି କରିଥିଲେ ସାମ୍ୟବାଦୀ ଦଳ ପ୍ରତି ବିନାୟକ ବାବୁଙ୍କର ମମତା ଓ ଆନୁଗତ୍ୟ ଏତେ ବେଶୀ ଥିଲା ଯେ ସେ କେବଳ କମ୍ୟୁନିଷ୍ଟ ପାର୍ଟିର ସମର୍ଥକ ଦୋକାନୀଠାରୁ ପାନ ଜଳଖିଆ ଖାଉଥଲେ ତାଙ୍କର ଧୋବା, ଭଣ୍ଡାରୀ, ଦରଜୀ ପ୍ରଭୃତିଙ୍କୁ ସେ ଦଳର ଶ୍ରେଣୀଭୁକ୍ତ କରିଥିଲେ ତାଙ୍କର ବିରୋଧି ଦଳ କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ନାୟକ ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ନିବିଡ ବନ୍ଧୁତା ରହିଥିଲା ପ୍ରାୟ ତିନି ବର୍ଷର ବ୍ୟବଧାନ ପରେ ସେ ତାଙ୍କର ପ୍ରଧାନ ଶିକ୍ଷକ ପଦବୀକୁ ପୁନର୍ବାର ଫେରିଥିଲେ ସେଥିପାଇଁ ବୃନ୍ଦାବନ ନାୟକ ତାହାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ (ସାହୁ ପଦ୍ମଚରଣ, କର୍ମବୀର ବୃନ୍ଦାବନ, ବ୍ରହ୍ମପୁର, ୧୯୮୯, ପୃ-୬୩-୬୪) ଏହା ପରେ ସେ କେତେକ କାରଣରୁ କମ୍ୟୁନିଷ୍ଟ ଦଳ ପରିତ୍ୟାଗ କରି ସର୍ବୋଦୟ ଆନ୍ଦୋଳନ ଓ ହିନ୍ଦି ପ୍ରଚାର ସଭାରେ ଯୋଗ ଦେଇଥିଲେ।

୧୯୬୭ ମସିହାରେ ବିନାୟକ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ପୁନଃଯୋଗଦାନ କଲେ କଂଗ୍ରେସ ଦଳର ଆଦର୍ଶ ଓ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ୧୯୫୮-୫୯ରୁ ଏହି ଦଳରେ ସାମିଲ ହୋଇଥିଲେ ବିଜୁ ପଟ୍ଟନାୟକଙ୍କ ପରାର୍ମଶ କ୍ରମେ ସେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ରୂପେ ୧୯୬୭ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ ଏହି ନିର୍ବାଚନରେ ବିନାୟକ ବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜନ କଂଗ୍ରେସ ପ୍ରାର୍ଥୀ ବସନ୍ତ କୁମାର ପାଣିଗ୍ରାହୀଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରି ପ୍ରଥମ ଥର ପାଇଁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ୧୯୬୭ ମସିହାଠାରୁ ତାଙ୍କର ପାର୍ଲିଆମେଣ୍ଟାରୀ ଜୀବନର ସୂତ୍ରପାତ ହୋଇଥିଲା ପ୍ରଥମେ ସେ ବିଧାନ ସଭାରେ ମୁଖ୍ୟ ବିରୋଧି ଦଳ ଥିବା ୩୧ ଜଣିଆ। କଗ୍ରେସ ବ୍ୟବସ୍ଥାପକ ଦଳ ଉପନେତା ଥିଲେ ଏହାରଏକ ବର୍ଷ ପରେ ସେ ଉକ୍ତ ଦଳର ନେତା ନିର୍ବାଚିତ ହୋଇ ବିଧାନ ସଭାର ବିରୋଧି ଦଳର ନେତା ଦାୟିତ୍ୱ ଗ୍ରହଣ କଲେ (ସମାଜ, ଡିସେମ୍ବର୨୮, ୧୯୭୬) ୧୯୬୯ରେ ଭାରତୀୟ ଜାତୀୟ କଂଗ୍ରେସ ସର୍ବଭାରତୀୟ ସ୍ତରରେ ଏକ ବିଭାଜନର ସମ୍ମୁଖୀନ ହେଲା ଏହାହେଲା ଦୁଇ ଭାଗ-କଂଗ୍ରେସ (ସଂଗଠନ) ଏବଂ କଂଗ୍ରେସ(ଶାସକ) ୧୯୬୯ରେ କଂଗ୍ରେସର ବିଭାଜନ ବେଳେ ବିନାୟକ ଆଚାର୍ଯ୍ୟ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ପ୍ରତି ଆସ୍ଥା ପ୍ରକାଶ କରିଥିଲେ ଏବଂ ଶାସକ କଂଗ୍ରେସ ସହିତ ସାମିଲ ହେଲେ ୧୯୭୦ରେ ଓଡିଶା କଂଗ୍ରେସ ବିଧାୟକ ଦଳର ଅଧିକାଂଶ ସଭ୍ୟ ବିଜୁ ପଟ୍ଟ ନାୟକଙ୍କ ନେତୃତ୍ୱରେ କଂଗ୍ରେସରୁ ବାହାରି ଯାଇ ଉତ୍କଳ କଂଗ୍ରେସ ଗଢିବା ବେଳେ ମାତ୍ର ୧୨ ଜଣ କଂଗ୍ରେସ ବିଧାୟକଙ୍କ ନେତୃତ୍ୱ ନେଇ ଆଚାର୍ଯ୍ୟ ଓଡିଶାରେ ଶାସକ କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଥଲେ ଦଳର ଉଚ୍ଚ କର୍ତ୍ତୃପକ୍ଷ ଆଡହକ ଓଡିଶା ପ୍ରଦେଶ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଲେ ଏବଂ ବିନାୟକ ବାବୁ ଏହାର ଆବାହକ ରୂପେ ମନୋନୀତ ହେଲେ ବହୁ ଘାତ ପ୍ରତିଘାତ ମଧ୍ୟରେ ରାଜ୍ୟରେ କଂଗ୍ରେସ ସଂଗଠନକୁ ବଞ୍ଚାଇ ରଖିବା ଏବଂ ତୃଣମୂଳ ସ୍ତରରେ ଦଳକୁ ଶକ୍ତିଶାଳୀ କରିବାର ଗୁରୁ ଦାୟିତ୍ୱ ବିନାୟକ ବାବୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ଜଣେ ଦୃଢ ସଂଗଠକଭାବରେ ସେ ନିଜକୁ ପ୍ରତିଷ୍ଠିତ କରିବା ସଂଗେ ସଂଗେ ରାଜ୍ୟରେ କଂଗ୍ରେସ ଦଳକୁ ଶକ୍ତିଶଳୀ କରିପାରିଥିଲେ (ଚୌଧୁରୀ, ବିଷ୍ଣୁଚରଣ, ପୂର୍ବୋକ୍ତ ପ୍ରବନ୍ଧ)।

ପରିଶେଷରେ କଂଗ୍ରେସ ଦଳରେ ଥାଇ ୧୯୭୬ ଡିସେମ୍ବର ମାସରେ ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ ମୁଖ୍ୟମନ୍ତ୍ରୀ ହେବାପରେ ସେ ରାଜ୍ୟରେ ନିର୍ମଳ, ସାଧୁ ଓ ଦୃଢ ଶାସନ ପ୍ରତିଷ୍ଠା ଦିଗରେ ସର୍ବବିଧ ଉଦ୍ୟମ କରିବେ ବୋଲି ସଂକଳ୍ପ ଜଣାଇଥିଲେ ମୁଖ୍ୟମନ୍ତ୍ରୀ ଆଚାର୍ଯ୍ୟ ୨୯ ତାରିଖ ଡିସେମ୍ବର ରାତ୍ରିରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବେତାର ଭାଷଣ ଦେଇଥିଲେ (ସମାଜ, ଡିସେମ୍ବର ୩୧, ୧୯୭୬) ସେଥିରେ ସେ ସେବାକୁ ମୂଳମନ୍ତ୍ର କରି ଶାସନ ଦାୟିତ୍ୱ ତୁଲାଇବାକୁ ପରାର୍ମଶ ଦେଇଥିଲେ ସେ କହିଥଲେ-"ରାଜ୍ୟର ଉନ୍ନତି କଥା ଚିନ୍ତା କଲାବେଳେ ଯେଉଁମାନଙ୍କୁ ନେଇ ଓ ଯେଉଁମାନଙ୍କ ଜରିଆରେ ଏହି କାର୍ଯ୍ୟ ସମ୍ପାଦନ ହେବ, ସେମାନଙ୍କ ସମ୍ପର୍କରେ ମୁଁ ସଚେତନ ଛାତ୍ର, ଯୁବକ, କୃଷକ, ଶ୍ରମିକ, ବୁଦ୍ଧିଜୀବୀ ତଥା ବିଭିନ୍ନ ଗୋଷ୍ଠିର ଲୋକମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି ଯେ ଓଡିଶାର ଉନ୍ନତି ଓ ପ୍ରଗତି ପାଇଁ ଏବେ ଏକ ନୂଆ ସୁଯୋଗ ଆସିଛି ଆସନ୍ତୁ ଆମେ ସମସ୍ତେ ମିଳିମିଶି ନିଷ୍ଠା ଓ ଆନ୍ତରିକତା ସହ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ଶପଥ ନେବା ଏ ଦାୟିତ୍ୱ ସମ୍ପାଦନ ପାଇଁ ମୁଁ ସବୁଶ୍ରେଣୀର ଲୋକଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି ଓଡିଶାକୁ ନୂଆ ରୂପ ଦେବା ପାଇଁ ଆଜି ଆମକୁ ଯେଉଁ ସୁଯୋଗ ମିଳିଛି ତାହାର ସଦୁପଯୋଗ କରି ସୁଖୀ ଓ ସମୃଦ୍ଧ ଓଡିଶା ଗଢିବାକୁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରୁଛି" ମାତ୍ର ୪ ମାସ ପରେ ୧୯୭୭ ମସିହା ଏପ୍ରିଲ ୩୦ ତାରିଖ ଦିନ କେନ୍ଦ୍ରରେ ଥିବା ଜନତା ସରକାର ଆଚାର୍ଯ୍ୟଙ୍କର ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରିଥିଲେ ୧୯୬୯ ଠାରୁ ୧୯୭୭ ମସିହାରେ ସପ୍ତମ ଓଡିଶା ବିଧାନ ସଭା ଗଠିତ ହେବା ପର୍ଯ୍ୟନ୍ତ ଓଡିଶା ରାଜନୀତିରେ ଛକାପଂଝା ଥିବା ବେଳେ ବିନାୟକ ଆଚାର୍ଯ୍ୟଙ୍କର ଭୂମିକା ଏକ ନିର୍ଭୀକ, ସଚ୍ଚୋଟ ଓ ଆଦର୍ଶବାଦୀ ରାଜନୀତିଜ୍ଞଙ୍କର ସାକ୍ଷର ବହନ କରି ପାରିଥିଲା। ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନ ସହିତ ସଂଶ୍ଲିଷ୍ଟ ଥିଲେ ଜୀବନର ଶେଷ ପର୍ଯ୍ୟନ୍ତ ଭାରତ ସୋଭିଏତ ମୈତ୍ରୀସଂଘ, ଭାରତ ଜର୍ମାନୀ ମୈତ୍ରୀ ସଂସଦ, ଭାରତୀୟ ଶାନ୍ତି ପରିଷଦ ଇତ୍ୟାଦିର ସେ ଥିଲେ ମୁଖ୍ୟ କର୍ଣ୍ଣଧାର ୧୯୪୬ ମସିହାଠାରୁ ୩୦ ବର୍ଷ ଧରି ରାଷ୍ଟ୍ରଭାଷା ପ୍ରଚାର ସମିତି ସହ ସଂପୃକ୍ତ ରହି ଓଡିଶାରେ ହିନ୍ଦି ଓ ଜାତୀୟ ସଂହତି ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୭୬ରେ ସେ ଓଡିଶାରେ ରାଷ୍ଟ୍ରଭାଷା ପ୍ରଚାର ସମିତିର ସଭାପତି ଥିଲେ ସେ ମଧ୍ୟ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘର ସଂପାଦକ ଓ ପରେ ଉପ ସଭାପତି ହୋଇ ରାଜ୍ୟରେ ଶିକ୍ଷକମାନଙ୍କର ମଙ୍ଗଳ ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ୧୯୭୬ ଜୁନ ମାସରେ ବ୍ରହ୍ମପୁର ପ୍ରକାଶମ ହଲ ଠାରେ ଦକ୍ଷିଣ ଓଡିଶା ସାହିତ୍ୟ ଓ ସାଂସ୍କୃତିକୀ ସମ୍ମିଳନୀର ଉଦଘାଟନ କରି ଦକ୍ଷିଣ ଓଡିଶା ସାଂସ୍କୃତିକ ଜୀବନର ବିକାଶ ପାଇଁ ଉଦ୍ୟମ ହେବା ଉଚିତ ମୋଲି ସେ ମତ ଦେଇଥିଲେ ସେ ମଧ୍ୟ କୃଷକ ସମାଜର ସଭାପତି ଭାବରେ କାର୍ଯ୍ୟ କରିଥିଲେ ।

ବିନାୟକ ଆଚାର୍ଯ୍ୟଙ୍କର ବହୁମୁଖୀ କର୍ମଧାରା ତାଙ୍କ ବିଧାନସଭା ପ୍ରଦତ୍ତ ଭାଷଣ ଏବଂ ବିଧାନ ସଭା ବାହାରେ ପ୍ରଦତ୍ତ ଭାଷଣରୁ ସୂଚିତ ହୋଇଥାଏ ଶିକ୍ଷା, ସାଂସ୍କୃତିକ ସଂଗଠନ, ସାହିତ୍ୟୋନ୍ନତି, ଅର୍ଥନୀତିକ ଅଭିବୃଦ୍ଧି ଓ ଯୋଜନା, ଦଳିତ ସମସ୍ୟା ସମାଧାନ, କୃଷି ଓ ଶିଳ୍ପର ବିକାଶ ପରି ନାନା କର୍ମଧାରାରେ ସେ ସଂଯୁକ୍ତ ହୋଇଥିଲେ ତାଙ୍କଜୀବନର ଦୀର୍ଘ ୪୦ ବର୍ଷ (୧୯୪୦ରୁ ୧୯୮୦) ତାଙ୍କ ଅବିସ୍ମରଣୀୟ ଜୀବନର ବିଶିଷ୍ଟ ପର୍ବ ଏହି ସମୟ ସୀମାରେ ତାଙ୍କ କର୍ମପ୍ରବାହରେ ତାଙ୍କ ଜୀବନ ଦର୍ଶନର ପ୍ରତିଫଳନ ଘଟିଥିଲା।

**ପୂର୍ବତନ ଇତିହାସ ପ୍ରାଧ୍ୟାପକ, ବିଜେବି ନଗର, ସି-୩/୨, ଭୁବନେଶ୍ୱର-୧୪, ମୋ-୯୪୩୭୬୨୧୫୧୬**



# ଭାରତ-ଫ୍ରାନ୍ସ- ୟୁଏଇର ସମରାଭ୍ୟାସ ନେଇ ଚିନ୍ତାରେ ପାକିସ୍ତାନ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭାରତ ଆରବ ସାଗର ଉପରେ ଫ୍ରାନ୍ସ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ ସହିତ ଏକ ପ୍ରମୁଖ ବାୟୁ ସମରାଭ୍ୟାସ କରୁଛି । ଏହି ଅଭ୍ୟାସର ଲକ୍ଷ୍ୟ ତ୍ରିପାକ୍ଷିକ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା ଏବଂ ଭାରତ ମହାସାଗର ଅଞ୍ଚଳ ତଥା ବ୍ୟାପକ ଭାରତ-ପ୍ରଶାନ୍ତ ମହାସାଗରରେ ସାମରିକ ସମନ୍ୱୟ ବୃଦ୍ଧି କରିବା । ଏହି ବିମାନ ଯୁଦ୍ଧ ଅଭ୍ୟାସ ପାଇଁ ଭାରତୀୟ ବାୟୁସେନା ଏହାର ସୁଖୋଇ-30MKI ଏବଂ ଜାଗୁଆର ଲଢୁଆ ବିମାନ ନିୟୋଜିତ କରିବ । ଏମାନଙ୍କ ସହିତ IL-78 ଏୟାର ଟ୍ୟାଙ୍କର୍ ଏବଂ ଏୟାରବୋର୍ଣ୍ଣ ପ୍ରାରମ୍ଭିକ ସତର୍କତା ତଥା ନିୟନ୍ତ୍ରଣ ବିମାନ ରହିଛି । ସମସ୍ତ ବିମାନ ଗୁଜରାଟର ଜାମନଗର ଏବଂ ନାଲିଆ ଏୟାରବେସ୍ ରୁ ଉଡ଼ାଣ ଭରିବ ।

ଫ୍ରାନ୍ସ ଏବଂ ୟୁଏଇ ଅଲ୍ ଧାଫ୍ରା ବାୟୁସେନା ଘାଟିରୁ ରାଫେଲ୍ ଏବଂ ମିରାଜ ଯୁଦ୍ଧ ବିମାନ ଏବଂ ଅନ୍ୟାନ୍ୟ ସହାୟକ ବିମାନ ସହିତ ଅଂଶଗ୍ରହଣ କରିବେ । ଭାରତ ଡିସେମ୍ବର ୧୦ ଏବଂ ୧୧ ରେ ପାକିସ୍ତାନର କରାଚୀରୁ ୨୦୦ ନଟିକାଲ୍ ମାଇଲ୍ ଦୂରରେ ଏହି ଅଭ୍ୟାସ କରୁଛି । ଏହି ଅଭ୍ୟାସ ପାଇଁ ଏୟାରମ୍ୟାନ୍‌ଙ୍କୁ ଏକ ନୋଟିସ୍ ଜାରି କରାଯାଇଛି । ଏହି ତିନି ଦେଶ ପୂର୍ବରୁ ଡିସେମ୍ବର ୨୦୨୪ରେ ଡେଜର୍ଟ ନାଇଟ୍ ନାମକ ଏକ ସମାନ ବାୟୁ ଯୁଦ୍ଧ ଅଭ୍ୟାସ କରିଥିଲେ । ଭାରତ ଏହି କ୍ଷେତ୍ରର ଦେଶଗୁଡ଼ିକ, ବିଶେଷକରି ଉପସାଗରୀୟ ଦେଶଗୁଡ଼ିକ ସହିତ ସାମରିକ ସହଯୋଗ ବୃଦ୍ଧି କରିବା ପାଇଁ ନିୟମିତ ଭାବରେ ଏପରି ଅଭ୍ୟାସ କରିଥାଏ । ଏହି ଅଭ୍ୟାସଗୁଡ଼ିକରେ ଫ୍ରାନ୍ସ, ଆମେରିକା ଏବଂ ଅଷ୍ଟ୍ରେଲିଆ ଭଳି ଅଂଶୀଦାରମାନେ ସାମିଲ ହୋଇଥାନ୍ତି । ଜଣେ ଅଧିକାରୀଙ୍କ ଅନୁଯାୟୀ, ଦ୍ୱିପାକ୍ଷିକ, ତ୍ରିପାକ୍ଷିକ ଏବଂ ବହୁପାକ୍ଷିକ ଅଭ୍ୟାସ ବାସ୍ତବବାଦୀ ପରିସ୍ଥିତିରେ ଯୁଦ୍ଧ କୌଶଳ, ରଣନୀତି ଏବଂ ପ୍ରକ୍ରିୟାଗୁଡ଼ିକୁ ଉନ୍ନତ କରିବାରେ ସାହାଯ୍ୟ କରିଥାଏ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତ, ଫ୍ରାନ୍ସ ଏବଂ ୟୁଏଇର ନୌସେନା ଜୁନ୍ ୨୦୨୩ରେ ସେମାନଙ୍କର ପ୍ରଥମ ତ୍ରିପାକ୍ଷିକ ସାମୁଦ୍ରିକ ଅଭ୍ୟାସ କରିଥିଲେ । ଏହି ଅଭ୍ୟାସରେ ପାରମ୍ପରିକ ଏବଂ ଅଣ-ପାରମ୍ପରିକ ବିପଦକୁ ମୁକାବିଲା କରିବା ପାଇଁ କ୍ଷମତା ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ୨୦୨୨ରେ ବୈଦେଶିକ ମନ୍ତ୍ରୀମାନଙ୍କ ଦ୍ୱାରା ଆରମ୍ଭ ହୋଇଥିବା ତ୍ରିପାକ୍ଷିକ ଢାଞ୍ଚା ଅଧୀନରେ, ତିନି ଦେଶ ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା, ଶକ୍ତି ଏବଂ ପରିବେଶ ସମେତ ଅନେକ କ୍ଷେତ୍ରରେ ଏକ ମହତ୍ୱାକାଂକ୍ଷୀ ରୋଡମ୍ୟାପ୍ ଉପରେ ଏକାଠି କାମ କରୁଛନ୍ତି । ମେ' ମାସରେ ଅପରେସନ୍ ସିନ୍ଦୂର ପରେ, ଭାରତର ନୌସେନା, ବାୟୁସେନା ଏବଂ ସେନା ନିୟମିତ ସାମରିକ ଅଭ୍ୟାସ କରିଆସୁଛନ୍ତି । ଏହି ତିନି ସେବା ନିଜ ନିଜ ମଧ୍ୟରେ ଏବଂ ଅନ୍ୟ ଦେଶର ସେନା ସହିତ ଅଭ୍ୟାସ କରିଛନ୍ତି । ରାଜସ୍ଥାନରେ ଏକ ମିଳିତ ଆତଙ୍କବାଦ ବିରୋଧୀ ଅଭିଯାନ ସମ୍ପ୍ରତି କରାଯାଇଥିଲା । ଗତ ମାସରେ, ଅପରେସନ୍ ତ୍ରିଶୂଳ ନାମକ ଏକ ପ୍ରମୁଖ ଘରୋଇ ଅଭ୍ୟାସ ପଶ୍ଚିମ ସୀମା ସହିତ ସ୍ଥଳ, ବାୟୁ ଏବଂ ସମୁଦ୍ର ଅଭିଯାନକୁ ସମନ୍ୱିତ କରିଥିଲା ।

# ଦିଲ୍ଲୀରେ ଅଳିଆ ପୋଡ଼ିଲେ ୫୦୦୦ ଜରିମାନା

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଦେଶର ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମାତ୍ରା ଭୟଙ୍କର ସ୍ତରରେ ପହଞ୍ଚିଛି । ବାୟୁ ଗୁଣବତ୍ତା ସୂଚକାଙ୍କ ଅତ୍ୟନ୍ତ ଖରାପ ଶ୍ରେଣୀରେ ରହିବା ପରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଦିଲ୍ଲୀ ସରକାର ଅନେକ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ବିଶେଷ କରି ଖୋଲା ସ୍ଥାନରେ ନିଆ ଜାଳିବା, ଆବର୍ଜନା ପୋଡ଼ିବା ଏବଂ ବ୍ୟବସାୟିକ ଅନୁଷ୍ଠାନରେ କୋଇଲା ବ୍ୟବହାର ଉପରେ କଡ଼ା କଟକଣା ଲଗାଯାଇଛି । ସରକାରଙ୍କ ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ, ବର୍ତ୍ତମାନ ଖୋଲା ସ୍ଥାନରେ ଅଳିଆ ଆବର୍ଜନା ପୋଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ ଜିଲ୍ଲା ପ୍ରଶାସନ ଏବଂ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ । ମୁଖ୍ୟମନ୍ତ୍ରୀ ନାଗରିକମାନଙ୍କୁ ନିବେଦନ କରିଛନ୍ତି ଯେ, ସମସ୍ତେ ମିଳିମିଶି ଏହି ନିୟମ ପାଳନ କରନ୍ତୁ ଏବଂ ପ୍ରଦୂଷଣ ହ୍ରାସ କରିବାରେ ପ୍ରଶାସନକୁ ସାହାଯ୍ୟ କରନ୍ତୁ ।

# ଭାରତରେ ୧.୫ ଲକ୍ଷ କୋଟି ଟଙ୍କା ନିବେଶ କରିବ ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ମାଇକ୍ରୋସଫ୍ଟ ଭାରତରେ ଆସନ୍ତା ୪ ବର୍ଷ ଭିତରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଭିତ୍ତିଭୂମି ନିର୍ମାଣରେ ୧୭.୫ ବିଲିଅନ୍ ଡଲାର ନିବେଶ କରିବ । ୪ ଦିନିଆ ଭାରତ ଗସ୍ତରେ ଆସିଥିବା ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଦେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବା ପରେ ଏହି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ସହ ଉଠାଇଥିବା ଫଟୋ 'ଏକ୍ସ'ରେ ସେୟାର କରି ସେ ଲେଖିଛନ୍ତି ଭାରତରେ ଏଆଇ ସୁଯୋଗ ସମ୍ପର୍କରେ ଉତ୍ସାହପ୍ରଦ ଆଲୋଚନା ହେଲା । ଦେଶର ଅଭିଳାଷକୁ ସାକାର କରିବା ପାଇଁ କମ୍ପାନୀ ଏଆଇ କ୍ଷେତ୍ରରେ ୧୭.୫ ବିଲିଅନ ଡଲାର (ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା) ନିବେଶ କରିବ । ଏସିଆରେ ଏହା ମାଇକ୍ରୋସଫ୍ଟର ସର୍ବାଧିକ ନିବେଶ ବୋଲି ସେ କହିଛନ୍ତି । ନାଦେଲାଙ୍କ ପୋଷ୍ଟ ଉପରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିକ୍ରିୟା ରଖି କହିଛନ୍ତି ଏଆଇ ପ୍ରସଙ୍ଗରେ ଭାରତକୁ ନେଇ ବିଶ୍ୱ ଆଶାବାଦୀ ରହିଛି । ସତ୍ୟ ନାଦେଲାଙ୍କ ସହ ସଫଳ ଆଲୋଚନା ହେଲା । ଏସିଆର ସର୍ବାଧିକ ନିବେଶ ମାଇକ୍ରୋସଫ୍ଟ ଭାରତରେ କରିବା ଖବର ମୋତେ ଖୁସି ଦେଇଛି । ଏକ ଉତ୍ତମ ପୃଥିବୀ ପାଇଁ ଏଆଇର ଉପଯୋଗ ଓ ନବସୃଜନରେ ଭାରତର ଯୁବକମାନେ ସୁଯୋଗ ନେବେ ବୋଲି ସେ କହିଛନ୍ତି । କମ୍ପାନୀ ୨୦୨୬ରୁ ୨୦୨୯ ମଧ୍ୟରେ ଏହି ନିବେଶ କରିବ । ଦେଶର କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମି, ଦକ୍ଷତା ଏବଂ ବର୍ତ୍ତମାନର କ୍ଷମତାକୁ ଆଗକୁ ନେବ । ଚଳିତ ବର୍ଷ ପୂର୍ବରୁ କମ୍ପାନୀ ବେଙ୍ଗାଲୁରୁଠାରେ ଏଆଇ ଭିତ୍ତିଭୂମି ପାଇଁ ୩ ବିଲିଅନ ଡଲାର ନିବେଶ କରିବ ବୋଲି ଘୋଷଣା କରିଥିଲା । ସେହି ରାଶିକୁ ଆସନ୍ତା ୨ ବର୍ଷରେ ନିବେଶ କରାଯିବ ବୋଲି କମ୍ପାନି କହିଥିଲା । ତେଣୁ ଆସନ୍ତା ୪ ବର୍ଷରେ କମ୍ପାନୀ ଭାରତରେ ୨୦ ବିଲିଅନ ଡଲାରରୁ ଅଧିକ ରାଶି ନିବେଶ କରିବ ।



# ଉତ୍ତର କୋରିଆରେ କାଗଜ ସଂକଟ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଦୀର୍ଘ ସମୟ ଧରି କାଗଜ ଅଭାବର ସମ୍ମୁଖୀନ ହେଉଛି ଉତ୍ତର କୋରିଆ । ଏବେ ସେଠାରେ କାଗଜ ସରିବା ଅବସ୍ଥାରେ । ଏହି ଦେଶ ଉପରେ ଅନେକ ଅନ୍ତର୍ଜାତୀୟ ପ୍ରତିବନ୍ଧକ ରହିଛି । ବିଶ୍ୱରେ ଉତ୍ତର କୋରିଆ ଏକ ନିଃସଙ୍ଗ ରାଷ୍ଟ୍ର । ସେଥିପାଇଁ ଏଠାରେ ପର୍ଯ୍ୟାପ୍ତ ଟେକ୍ନୋଲୋଜି, କଞ୍ଚା ମାଲ୍ ଓ ଔଦ୍ୟୋଗିକ ବିକାଶର ଅଭାବ ରହିଛି । ଏହି କାରଣରୁ ଦେଶ କାଗଜ ଅଭାବର ସମ୍ମୁଖୀନ ହେଉଛି । ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଏବେ ଉତ୍ତର କୋରିଆରେ କାଗଜ ଶେଷ ହୋଇଯାଇଛି । ଦେଶର ସୁପ୍ରିମୋ କିମ୍ ଜଙ୍ଗ୍ ଉନ୍ କ୍ଷେତ୍ରୀୟ ଅଧିକାରୀଙ୍କୁ ଆଦେଶ ଦେଇଛନ୍ତି, ଦେଶରେ କାଗଜ ପ୍ରସ୍ତୁତି ଲାଗି କାରଖାନା ବସାଇବାକୁ ପଡ଼ିବ । ତାଙ୍କ ପ୍ରଚାର ଶାଖା ମୁଦ୍ରଣ କମାଇ ଦେଇଛି । ସରକାରଙ୍କ ପାଖରେ ବ୍ୟାଙ୍କ୍ ନୋଟ୍ ବି ଶେଷ ହୋଇଗଲାଣି । କିମ୍ ଜଙ୍ଗ୍ କହିଛନ୍ତି, ଦେଶର ପେପର୍ ଇଞ୍ଜିନିୟରିଂ ସଂସ୍ଥା ନିଜ କାଗଜ ପ୍ରସ୍ତୁତି ବିଧି ଓ ଟେକ୍ନୋଲୋଜିର ବିକାଶ ଲାଗି ଯୋଜନା କରୁଥିବାରୁ ସେ ଖୁସି । କାରଣ ଦେଶରେ କାଗଜ ସରିଗଲାଣି ଏବଂ ସମ୍ବାଦପତ୍ର ଓ ବ୍ୟାଙ୍କନୋଟ୍ କମ୍ ଛପା ହେଉଛି । କିମ୍ ଉନସନ୍ ପେପର୍ ମିଲ୍ ପରିଦର୍ଶନ କରି ବହୁମୁଖୀ ପେପର୍ ମେସିନ୍, ଟୟଲେଟ୍-ପେପର୍ ମେସିନ୍ ଓ ପେପର୍ କଣ୍ଟେନର ମୋଲ୍ଡିଂ ମେସିନର ନିରୀକ୍ଷଣ କରି ଏହାକୁ ଖୁବ୍ ପ୍ରଶଂସା କରିଛନ୍ତି । ଅନ୍ୟ ଦେଶ ସହ ବ୍ୟାପାର ନ ହେବାରୁ ଉତ୍ତର କୋରିଆରେ ଉଦ୍ୟୋଗ ଓ ପ୍ରାଦ୍ୟୋଗିକୀ କ୍ଷେତ୍ରରେ ଭଲ ନିବେଶକ ନାହାନ୍ତି । ସେଥିପାଇଁ ସେଠାରେ ଉଦ୍ୟୋଗ ଗତିବିଧି ପଛରେ ରହିଛି । କିମ୍ ନିଜ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି, ଆଗାମି ପାଞ୍ଚବର୍ଷୀୟ ଯୋଜନା ଅବଧିରେ ଦେଶର ସମସ୍ତ ପ୍ରାନ୍ତରେ ଆଧୁନିକ କାଗଜ କାରଖାନା ନିର୍ମାଣରେ ସ୍ୱତନ୍ତ୍ର ଯୋଜନା ହେବା ଆବଶ୍ୟକ ।



# ଦିଦିଙ୍କ ମୁସଲିମ ଭୋଟ୍ ବ୍ୟାଙ୍କ ଛଡ଼ାଇ ନେବି

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଖୋଲା ଚ୍ୟାଲେଞ୍ଜ କଲେ ତୃଣମୂଳ କଂଗ୍ରେସ(ଟିଏମସି)ରୁ ନିଲମ୍ବିତ ବିଧାୟକ ହୁମାୟୁନ କବୀର । ୨୦୨୬ରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ସେ କିଙ୍ଗମେକର ଭାବରେ ଉଭା ହେବେ ବୋଲି କହିଛନ୍ତି । ନିଜର ଏକ ସ୍ୱତନ୍ତ୍ର ଦଳ ତିଆରି କରି ସେ ମମତାଙ୍କ ପାଖରୁ ସବୁ ମୁସଲମାନ ଭୋଟକୁ ଛଡାଇନେବେ ବୋଲି ଚେତାବନୀ ଦେଇଛନ୍ତି । ଏଭଳି ଚେତାବନୀ ସହ ନିର୍ବାଚନ ପୂର୍ବରୁ ସେ ଦିଦିଙ୍କ ଚିନ୍ତା ବଢାଇ ଦେଇଛନ୍ତି । ହୁମାୟୁନ୍ କବୀର ତୃଣମୂଳ କଂଗ୍ରେସରୁ ଆନୁଷ୍ଠାନିକ ଭାବରେ ଇସ୍ତଫା ଦେଇନଥିଲେ । ତାଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା । ପଶ୍ଚିମବଙ୍ଗରେ ବାବ୍ରି ମସଜିଦ ନିର୍ମାଣ ନେଇ ଘୋଷଣା କରିବା ପରେ ତାଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ଏବଂ ବିବାଦୀୟ ମନ୍ତବ୍ୟ ପାଇଁ ନିଲମ୍ବନ କରାଯାଇଥିଲା । ଏବେ ସେ ପଶ୍ଚିମବଙ୍ଗରେ ଏକ ନୂତନ ଦଳ ଗଠନ କରି ଟିଏମସିକୁ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି । ରାଜ୍ୟରେ ଥିବା ମମତାଙ୍କ ଭୋଟ ବ୍ୟାଙ୍କକୁ ସେ ଭାଙ୍ଗିଦେବେ ବୋଲି କହିବା ସହିତ ମୁସଲିମ ଭୋଟ୍ ଉପରେ ନଜର ରଖିଥିବା କହିଛନ୍ତି । ଏହା ସହ ସେ ୨୦୨୬ ନିର୍ବାଚନରେ କିଙ୍ଗମେକର ହେବେ ବୋଲି ମଧ୍ୟ ଭବିଷ୍ୟବାଣୀ କରିଛନ୍ତି । ହୁମାୟୁନ୍ କବୀର ନିଜକୁ ଏଆଇଏମଆଇର ଅଧ୍ୟକ୍ଷ ତଥା ହାଇଦ୍ରାବଦର ସାଂସଦ ଅସଦୁଦ୍ଦିନ୍ ଓୱେସିଙ୍କ ସହ ତୁଳନା କରିଛନ୍ତି । ସେ ଅସଦୁଦ୍ଦିନ୍‌ଙ୍କୁ ହାଇଦ୍ରାବର ଓୱେସି ଏବଂ ନିଜକୁ ପଶ୍ଚିମବଙ୍ଗର ଓୱେସି ବୋଲି ସମ୍ବୋଧନ କରିଛନ୍ତି । ଏହାଛଡ଼ା ଅସଦୁଦ୍ଦିନ୍ ଓୱେସି ତାଙ୍କ ସହିତ ଏକ ମେଣ୍ଟ ଗଠନ କରିବାକୁ ରାଜି ହୋଇଛନ୍ତି ବୋଲି ସେ ଦାବି କରିଛନ୍ତି । ତାଙ୍କ କହିବା ମୁତାବକ, ମୁଁ ଡିସେମ୍ବର ୧୦ ତାରିଖରେ କୋଲକାତା ଯିବି ଏବଂ ଏକ ଦଳୀୟ କମିଟି ଗଠନ କରିବି । ଡିସେମ୍ବର ୨୨ ତାରିଖରେ ମୋର ଲକ୍ଷ ଲକ୍ଷ ସମର୍ଥକଙ୍କ ସହିତ ନୂତନ ଦଳର ଭିତ୍ତିପ୍ରସ୍ତର ସ୍ଥାପନ କରିବି । ୨୦୧୧ର ଜନଗଣନା ଅନୁସାରେ ଏହା ଜଣାପଡିଛି ଯେ, ପଶ୍ଚିମବଙ୍ଗରେ ୨୭ପ୍ରତିଶତରୁ ଅଧିକ ମୁସଲମାନ ସଂପ୍ରଦାୟର ଲୋକ ବସବାସ କରୁଛନ୍ତି, ଯାହାକି ଦେଶର ଦ୍ୱିତୀୟ ମୁସଲମାନ ବହୁଳ ରାଜ୍ୟ ଭାବରେ ପରିଚିତ । ସବୁଠାରୁ ବଡ କଥା ହେଲା, ବିଧାନସଭା ନିର୍ବାଚନ ପାଇଁ ଟିଏମସିକୁ ୨୭ ପ୍ରତିଶତ ଭୋଟ ଏହି ମୁସଲମାନ ସଂପ୍ରଦାୟରୁ ହିଁ ମିଳିଥାଏ । ଏମଧ୍ୟରେ ମୁସଲମାନ ଭୋଟ୍ ଛଡ଼ାଇ ନେବି ବୋଲି ହୁମାୟୁନ କବୀର ଦାବି କରିବା ଟିଏମସି ପାଇଁ ଚିନ୍ତାର କାରଣ ପାଲଟିଛି । କବୀରଙ୍କ କହିବା ମୁତାବକ, ମୁଁ ଏକ ନୂତନ ଦଳ ଗଠନ କରିବି ଏବଂ ବିଧାନସଭାର ୧୩୫ଟି ଆସନ ପାଇଁ ପ୍ରାର୍ଥୀ ଦେବି । ଆମ ଦଳ ମୁସଲମାନମାନଙ୍କ ପାଇଁ କାମ କରିବ । ଆସନ୍ତା ବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହି ନିର୍ବାଚନରେ ହୁମାୟୁନ୍ କବୀର କିଙ୍ଗମେକର ହେବେ ବୋଲି କହିଛନ୍ତି । ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଓୱେସିଙ୍କ ଦଳ ଏଆଇଏମଆଇଏମ ୨୦୨୧ ବିଧାନସଭା ନିର୍ବାଚନରେ ୭ଟି ଆସନରେ ପ୍ରାର୍ଥୀ ଦେଇଥିଲା । କିନ୍ତୁ କୌଣସି ଆସନରେ ବିଜୟୀ ହୋଇପାରିନଥିଲା । ତେଣୁ ଓୱେସି, ହୁମାୟୁନ୍ କବୀରଙ୍କ ସହ ମେଣ୍ଟ ଗଠନ କରି ପଶ୍ଚିମବଙ୍ଗରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି ।



# ଅଷ୍ଟ୍ରେଲିଆରେ ୧୬ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମଡିଆ ମନା

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଅଷ୍ଟ୍ରେଲିଆରେ ସୋସିଆଲ ମିଡିଆ କଟକଣା । ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ୍ ହୋଇଛି । ଆଜିଠୁ ନୂଆ ନିୟମ ଲାଗୁ ହୋଇଛି । ଫେସବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବରେ ଆକାଉଣ୍ଟ ଥିଲେ ହଟାଇବାକୁ ପଡ଼ିବ ନଚେତ କମ୍ପାନୀକୁ ୩୩ ମିଲିୟନ ଡଲାର ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ । ଅଷ୍ଟ୍ରେଲିଆ ବିଶ୍ୱରେ ପ୍ରଥମ ଦେଶ ହୋଇଛି ଯିଏକି ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୋସିଆଲ ମିଡିଆକୁ ନେଇ ନୂଆ ନିୟମ ଆଣିଛି । ଏହି ନୂଆ ଆଇନକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ଆନ୍ଥୋନି ଆଲବାନିଜ୍ । ଏହାକୁ 'ପ୍ରାଇଡ୍ ଡେ' କହିବା ସହ ପଦକ୍ଷେପକୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ଇଣ୍ଟରନେଟ୍ ମିଡିଆ ଉପରେ ପ୍ରତିବନ୍ଧକ ପିଲାମାନଙ୍କୁ ସେମାନଙ୍କର ଶୈଶବ ସୁନିଶ୍ଚିତ କରିବ । ପିଲାଙ୍କ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାକୁ ଏହି ବଡ଼ ପଦକ୍ଷେପ ନିଆଯାଇଛି ।

ମଙ୍ଗଳବାର ବିଳମ୍ବିତ ରାତିରେ ପିଲାମାନଙ୍କୁ ଟିକଟକ୍ , ଆଲଫାବେଟ୍ ଇନକର୍ପୋରେଟେଡର ୟୁଟ୍ୟୁବ୍, ମେଟାର ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍ ସମେତ ଅନେକ ପ୍ଲାଟଫର୍ମ ବ୍ୟବହାର ଉପରେ ପ୍ରତିବନ୍ଧକ ଲାଗିଛି । ନୂଆ ଆଇନ୍ ଅନୁଯାୟୀ, ୧୦ଟି ବୃହତ୍ତମ ପ୍ଲାଟଫର୍ମ ଉପରେ ପିଲାମାନଙ୍କ ପାଇଁ କଟକଣା ଲାଗିଛି । ନିର୍ଦ୍ଦେଶ ଦିଆଯାଇଛି ଯେ ନିୟମ ନମାନିଲେ କମ୍ପାନୀକୁ ୩୩ ମିଲି । ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ । ପ୍ରମୁଖ ପ୍ରଯୁକ୍ତିବିଦ୍ୟା କମ୍ପାନୀ ଏବଂ ବାକ୍ ସ୍ୱାଧୀନତା ପ୍ରବକ୍ତାମାନେ ଏହି ଆଇନକୁ ସମାଲୋଚନା କରିଛନ୍ତି, କିନ୍ତୁ ପିତାମାତା ଏବଂ ଶିଶୁ ଅଧିକାର ପ୍ରବକ୍ତାମାନେ ଏହାକୁ ସ୍ୱାଗତ କରିଛନ୍ତି । ଅନଲାଇନରେ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଅନ୍ୟ ଅନେକ ଦେଶ ଗମ୍ଭୀରତାର ସହିତ ସମାନ ପଦକ୍ଷେପ ବିଷୟରେ ବିଚାର କରୁଛନ୍ତି ।

# ଯୋଗୀ କରିବେ ସର୍ଜିକାଲ ଷ୍ଟ୍ରାଇକ୍ !

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଯୋଗୀ କରିବେ ସର୍ଜିକାଲ ଷ୍ଟ୍ରାଇକ୍ । ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ସର୍ଜିକାଲ୍ ଷ୍ଟ୍ରାଇକ୍ ଆରମ୍ଭ କରିବାକୁ ଏକ ଯୋଜନା ପ୍ରସ୍ତୁତ କରିଛନ୍ତି । ମଙ୍ଗଳବାର ଜାରି ଏକ ସରକାରୀ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି । ବିବୃତ୍ତିରେ କୁହାଯାଇଛି ଯେ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ଏହାର ଶୂନ୍ୟ-ସହନଶୀଳତା ନୀତି ଅଧୀନରେ ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛି । ଏହି ପଦକ୍ଷେପ କେବଳ ରାଜ୍ୟର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବ ନାହିଁ ବରଂ ୟୁପିର ଲୋକମାନେ କିଭଳି ସ୍ୱଚ୍ଛ ଭାବରେ ସରକାରୀ ଯୋଜନାର ଲାଭ ପାଇବେ ତାହା ମଧ୍ୟ ସୁନିଶ୍ଚିତ କରିବ । ଏହି ନିଷ୍ପତ୍ତି ନିଶ୍ଚିତ କରିବ ଯେ କେବଳ ଯୋଗ୍ୟ ବ୍ୟକ୍ତିମାନେ ଏହି ସୁବିଧା ପାଇପାରିବେ । ମିଳିଥିବା ସୂଚନା ଅନୁଯାୟୀ, ଉତ୍ତର ପ୍ରଦେଶ ସରକାର ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ଅଟକ କେନ୍ଦ୍ରରେ ରଖିବେ । ଏହି କେନ୍ଦ୍ରଗୁଡ଼ିକର ସୁରକ୍ଷା ଅଭେଦ୍ୟ ହେବ, ଯାହା ଫଳରେ କେହି ପ୍ରବେଶ କରିପାରିବେ ନାହିଁ । ସରକାରଙ୍କ କଠୋର ପଦକ୍ଷେପ ରାଜ୍ୟର ସୁରକ୍ଷା ଉପରେ ସକାରାତ୍ମକ ପ୍ରଭାବ ପକାଇବ । ଏହି ପଦକ୍ଷେପ ଅପରାଧୀ ଏବଂ ବେଆଇନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ସହଜ କରିବ । ରାଜ୍ୟରେ ଅପରାଧ ସଂଖ୍ୟା ହ୍ରାସ ପାଇବ, ଏବଂ ସରକାରଙ୍କ କାର୍ଯ୍ୟଶୈଳୀ ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ ମଧ୍ୟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି । ସେପଟେ ପଶ୍ଚିମ ଉତ୍ତର ପ୍ରଦେଶର ମୁଜାଫରନଗରରେ ପୁଲିସ ପ୍ରଶାସନ ସୋମବାର ବିଳମ୍ବିତ ସନ୍ଧ୍ୟାରେ ତାର ଯାଞ୍ଚ ଅଭିଯାନକୁ ତୀବ୍ର କରିଛି, ରାସ୍ତାପାର୍ଶ୍ୱ ବସ୍ତିରେ ରହୁଥିବା ବାହାର ଲୋକଙ୍କ ବିରୁଦ୍ଧରେ ଟର୍ଚ୍ଚଲାଇଟ୍ ଅପରେସନ୍ ଆରମ୍ଭ କରିଛି । ଅଭିଯାନ ସମୟରେ, ପୁଲିସ ଟିମ୍ ରାତାରାତି ଅନେକ ବସ୍ତି ଯାଞ୍ଚ କରିଥିଲେ ଏବଂ ଜିଲ୍ଲାରେ କେହି ବେଆଇନ ଭାବରେ ରହୁନାହାଁନ୍ତି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ବାସିନ୍ଦାଙ୍କ ଆଧାର କାର୍ଡ ଏବଂ ଅନ୍ୟାନ୍ୟ ପରିଚୟ ପତ୍ର ମଧ୍ୟ ଯାଞ୍ଚ କରିଥିଲେ ।



# ଆରଜେଡିକୁ ବଡ ଝଟକା

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ୨୦୨୫ ବିହାର ବିଧାନସଭା ନିର୍ବାଚନରେ ଲାଲୁ ଯାଦବଙ୍କ ଦଳର ଶୋଚନୀୟ ପରାଜୟ ପରେ, ଆରଜେଡିକୁ ଆଉ ଏକ ଝଟକା ଲାଗିଛି । ଜଣେ ପ୍ରମୁଖ ଆରଜେଡି ନେତା ଏବଂ ପୂର୍ବତନ ସାଂସଦ ଏବଂ ଲାଲୁ-ରାବିଡିଙ୍କ ସରକାରରେ ମନ୍ତ୍ରୀ ଥିବା ବିଜୟ କୃଷ୍ଣ ଦଳ ଛାଡିଛନ୍ତି । ସେ କେବଳ ଲାଲୁ ପ୍ରସାଦ ଯାଦବଙ୍କ ନିକଟତର ନଥିଲେ ବରଂ ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନିକଟତର ମଧ୍ୟ ଥିଲେ । ସେ ଲୋକସଭା ନିର୍ବାଚନରେ ନୀତିଶ କୁମାରଙ୍କୁ ମଧ୍ୟ ପରାସ୍ତ କରିଥିଲେ । ବିଜୟ କୃଷ୍ଣ ତାଙ୍କ ଇସ୍ତଫା ପତ୍ରରେ କାହାରି ବିରୁଦ୍ଧରେ କୌଣସି ଅଭିଯୋଗ ଆଣି ନାହାଁନ୍ତି । ଲାଲୁ ଯାଦବଙ୍କୁ ଦେଇଥିବା ତାଙ୍କ ଇସ୍ତଫା ପତ୍ରରେ ସେ ଲେଖିଛନ୍ତି, ମୁଁ ଦଳୀୟ ରାଜନୀତି ଏବଂ ସକ୍ରିୟ ରାଜନୀତିରୁ ଓହରି ଯିବାକୁ ନିଷ୍ପତ୍ତି ନେଇଛି । ତେଣୁ, ମୁଁ ପ୍ରାଥମିକ ସଦସ୍ୟତା ଏବଂ ରାଷ୍ଟ୍ରୀୟ ଜନତା ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଉଛି । ଦୟାକରି ଗ୍ରହଣ କରନ୍ତୁ । ଉଲ୍ଲେଖ ଥାଉ କି ଲାଲୁ ଏବଂ ନୀତିଶଙ୍କ ପରି, ବିଜୟ କୃଷ୍ଣ ଜେପି ଆନ୍ଦୋଳନରୁ ଆସିଥିବା ଜଣେ ନେତା ।

# ଦେଶରେ ୮୦ ପ୍ରତିଶତ ମୁସଲମାନ ଧର୍ମାନ୍ତରିତ !

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ପୂର୍ବତନ କେସିଆରଗଞ୍ଜ ସାଂସଦ ବ୍ରିଜଭୂଷଣ ଶରଣ ସିଂ ଏଆଇଏମଆଇଏମ ସଭାପତି ଅସଦୁଦ୍ଦିନ ଓୱାଇସିଙ୍କ ବିଷୟରେ ବିବୃତି ଦେଇ ଏକ ରାଜନୈତିକ ଆଲୋଡ଼ନ ସୃଷ୍ଟି କରିଛନ୍ତି । ଏକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇ ବ୍ରିଜଭୂଷଣ ଶରଣ ସିଂ ଦାବି କରିଛନ୍ତି ଯେ, ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱାଇସିଙ୍କ ପୂର୍ବପୁରୁଷମାନେ ହିନ୍ଦୁ । ସେମାନେ ଏକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ଏହାକୁ ନେଇ ସୋସିଆଲ ମିଡିଆରେ ଏକ ବିବାଦ ଦେଖାଦେଇଛି । କିଛି ଲୋକ ବ୍ରିଜଭୂଷଣ ଶରଣ ସିଂହଙ୍କୁ ସମର୍ଥନ କରୁଥିବା ବେଳେ ଅନ୍ୟମାନେ ତାଙ୍କୁ ବିରୋଧ କରୁଥିଲେ । ତାଙ୍କ ବକ୍ତବ୍ୟରେ, ବ୍ରିଜଭୂଷଣ ଶରଣ ସିଂହ ବନ୍ଦେ ମାତରମ୍ ପ୍ରସଙ୍ଗ ମଧ୍ୟ ଉଠାଇଥିଲେ । ସେ ପଚାରିଛନ୍ତି,ଯଦି ଭାରତରେ ନୁହେଁ, ତେବେ କ'ଣ ଏହା ପାକିସ୍ତାନରେ ଗାଇବ ? ସେ କହିଛନ୍ତି କଂଗ୍ରେସ ଜାଣିଶୁଣି ଦେଶକୁ ସେହି ପ୍ରସଙ୍ଗଗୁଡ଼ିକରୁ ବିଚ୍ୟୁତ କରିଛି ଯାହା ଦଳର ପତନର କାରଣ ହୋଇଛି । ବନ୍ଦେ ମାତରମ୍ ସ୍ୱାଧୀନତା ସଂଗ୍ରାମର ମୂଳଦୁଆ ଥିଲା, ଯେଉଁଥିରେ ବହୁ ସଂଖ୍ୟକ ମୁସଲମାନ ମଧ୍ୟ ସାମିଲ ଥିଲେ । ସେ କହିଛନ୍ତି ଯେ, ଜିନ୍ନାଙ୍କ ବ୍ୟତୀତ ଆଉ କାହାରି ବନ୍ଦେ ମାତରମ୍ ଉପରେ ଆପତ୍ତି ନଥିଲା । ସେ ବ୍ରିଟିଶମାନଙ୍କୁ ଧର୍ମ ଆଧାରରେ ଭାରତକୁ ବିଭାଜିତ କରିବାର ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ଭାରତରେ ରହିଥିବା ୮୦ ପ୍ରତିଶତ ମୁସଲମାନ ଧର୍ମାନ୍ତରିତ । ବ୍ରିଜଭୂଷଣ ଶରଣ ସିଂହ ଓୱାଇସିଙ୍କ ବିଷୟରେ ଏହି ମନ୍ତବ୍ୟ ଦେଇଥିବା ବେଳେ, ବନ୍ଦେ ମାତରମର ୧୫୦ତମ ବାର୍ଷିକୀରେ ଲୋକସଭାରେ ଏକ ବିଶେଷ ଆଲୋଚନା ସମୟରେ ଅସଦୁଦ୍ଦିନ ଓୱାଇସିଙ୍କ ବକ୍ତବ୍ୟ ଆହୁରି ଆଶ୍ଚର୍ଯ୍ୟଜନକ ଥିଲା । ସେ କହିଛନ୍ତି, ଆମର ସମ୍ବିଧାନ 'ଆମେ ଲୋକ' ସହିତ ଆରମ୍ଭ ହୁଏ, କୌଣସି ଦେବତାଙ୍କ ନାମ ପୂର୍ବରୁ ନୁହେଁ । ପ୍ରସ୍ତାବନାରେ ଲେଖାଯାଇଛି 'ଚିନ୍ତନର ସ୍ୱାଧୀନତା' । ନିଜର ଦେଶକୁ ଭଲ ପାଇବା ଗୋଟିଏ କଥା, କିନ୍ତୁ ଦେଶପ୍ରେମକୁ ଧାର୍ମିକ ରୀତିନୀତି କିମ୍ବା ପାଠ ସହିତ ବାନ୍ଧିବା ଭୁଲ୍ । ସରକାର ବନ୍ଦେ ମାତରମ୍ ଗାନ କରିବାକୁ ବାଧ୍ୟ କରିବା ଉଚିତ୍ ନୁହେଁ, ଏବଂ କାହାକୁ ମଧ୍ୟ ସେମାନଙ୍କର ବିଶ୍ୱସ୍ତତା ପ୍ରମାଣ କରିବାକୁ କୁହାଯାଇପାରିବ ନାହିଁ । ଏହି ବକ୍ତବ୍ୟ ପରେ, ଓୱାଇସି ସୋସିଆଲ ମିଡିଆରେ ଟାର୍ଗେଟ ହୋଇଛନ୍ତି ।



# ମୋତେ ଆୱାର୍ଡ ଦରକାର ନାହିଁ

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଆୱାର୍ଡ ନେବା ପାଇଁ ମନା କଲେ କଂଗ୍ରେସ ସାଂସଦ ଶଶି ଥରୁର । ସାଂସଦଙ୍କୁ ନପଚାରି ତାଙ୍କୁ ଏକ ସଂସ୍ଥା ବୀର ସାବରକର ଆୱାର୍ଡ ଦେବାକୁ ଘୋଷଣା କରିଥିଲେ । ଏଥିରେ ଅସନ୍ତୋଷ ପ୍ରକାଶ କରି ଆୱାର୍ଡ ଗ୍ରହଣ କରିବି ନାହିଁ ବୋଲି କହିଥିଲେ ଥରୁର । ଏନଜିଓ ଗ୍ରୁପ୍ ଏଚ୍ଆରଡିଏସ୍ ଇଣ୍ଡିଆ 'ବୀର ସାଭରକର ଇଣ୍ଟରନ୍ୟାସନାଲ ଇମ୍ପାକ୍ଟ ପୁରସ୍କାର ୨୦୨୫' ଘୋଷଣା କରିଛି । ଏହି ପୁରସ୍କାର ପାଇଁ ମୋଟ ୬ଜଣଙ୍କୁ ମନୋନୀତ କରାଯାଇଛି । ଶଶି ଥରୁରଙ୍କ ଅନୁଯାୟୀ, ସେ ଗଣମାଧ୍ୟମ ରିପୋର୍ଟରୁ ଜାଣିବାକୁ ପାଇଲେ ଯେ ତାଙ୍କୁ ଦିଲ୍ଲୀରେ ପ୍ରଦାନ କରାଯିବାକୁ ଥିବା ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସ୍ଥାନୀୟ ସଂସ୍ଥା ନିର୍ବାଚନ ପାଇଁ ସେ ଗତକାଲି କେରଳରେ ଥିବା ସମୟରେ ଏହି ଘୋଷଣା ବିଷୟରେ ଜାଣିଥିଲେ । ତାଙ୍କୁ ଏହି ଆୱାର୍ଡ ବିଷୟରେ ପୂର୍ବରୁ କେହି ବି ଜଣାଇନଥିଲେ । ଶଶି ଥରୁର ତିରୁବନନ୍ତପୁରମରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ମୋତେ ପୁରସ୍କାର ବିଷୟରେ ପୂର୍ବରୁ ସୂଚନା ଦିଆଯାଇନଥିଲା । ଏବଂ ମୁଁ ଏହାକୁ ଗ୍ରହଣ କରିନାହିଁ । ମୋ ସମ୍ମତି ବିନା ନାମ ଘୋଷଣା କରିବା ଉଚିତ୍ ନଥିଲା । ଆଜି ନୂଆଦିଲ୍ଲୀର NDMC କନଭେନସନ ହଲରେ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି, ଯେଉଁଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ।

# ଏସଆଇଆରରେ ବିଏଲ୍ଓଙ୍କ ସୁରକ୍ଷାକୁ ନେଇ ଇସିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):** ଭୋଟର ତାଲିକରେ ସ୍ୱତନ୍ତ୍ର ବ୍ୟାପକ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟରେ ଲାଗିଥିବା ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ସୁରକ୍ଷାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ମଙ୍ଗଳବାର ମାମଲାର ଶୁଣାଣି କରି ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ । ପଶ୍ଚିମବଙ୍ଗରେ ଭୋଟର ତାଲିକରେ ଏସ୍ଆଇଆର୍ ଏବଂ ବିଏଲ୍ଓଙ୍କ ଆତ୍ମହତ୍ୟା ସହ ଜଡ଼ିତ ମାମଲାରେ ସୁପ୍ରିମ କୋର୍ଟ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ୍ ପଠାଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଏସ୍ଆଇଆର କାମରେ ଭିନ୍ନ ଭିନ୍ନ ରାଜ୍ୟର ସରକାରଙ୍କ ପକ୍ଷରୁ ସହଯୋଗର ଅଭାବକୁ ଇସି ଗମ୍ଭୀରତାର ସହ ନିଅନ୍ତୁ । ଏପରି ଘଟଣାକୁ ଇସି ସୁପ୍ରିମକୋର୍ଟଙ୍କ ନଜରକୁ ଆଣନ୍ତୁ । ତୁରନ୍ତ ଏଥିଲାଗି ଉଚିତ ଆଦେଶ ଜାରି କରାଯିବ । ଯଦି ସ୍ଥିତି ଅଧିକ ବିଗିଡ଼େ ତେବେ ପୁଲିସ ମୁତୟନ କରିବା ଛଡ଼ା ଅନ୍ୟ କିଛି ବିକଳ୍ପ ରହିବ ନାହିଁ । ଇସିଙ୍କ ପାଖରେ ସମସ୍ତ ସାମ୍ବିଧାନିକ ଶକ୍ତି ରହିଛି, ଯାହା ଦ୍ୱାରା ବିଏଲ୍ଓ ଏବଂ ଅନ୍ୟ ଅଧିକାରୀମାନଙ୍କୁ ଧମକା ଯିବା ଘଟଣାର ମୁକାବିଲା କରାଯାଇପାରିବ । ଏବେଠାରୁ ସ୍ଥିତି ନ ସମ୍ଭାଳିଲେ ଆଗକୁ ଅରାଜକତା ବ୍ୟାପିବ ବୋଲି ସୁପ୍ରିମକୋର୍ଟ ଇସିଙ୍କୁ ଚେତାଇ ଦେଇଛନ୍ତି । ସିଜେଆଇ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି, ପଶ୍ଚିମବଙ୍ଗରେ ବିଏଲ୍ଓଙ୍କ ବିରୋଧରେ ହିଂସା ଘଟଣା ବଢୁଛି । ତେଣୁ ଭୋଟର ତାଲିକା ପ୍ରକାଶ ହେବା ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ପୁଲିସ ନିର୍ବାଚନ କମିଶନଙ୍କ ଅଧୀନରେ କାମ କରିବ । ଏଥିଲାଗି ସେଠାରେ କେନ୍ଦ୍ରୀୟ ବଳ ମୁତୟନ ହେଉ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ କର୍ମଚାରୀମାନେ ରାଜ୍ୟର ନିର୍ବାଚନ ଅଧିକାରୀ, ଜିଲ୍ଲାର ନିର୍ବାଚନ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ । ରାଜ୍ୟ ସରକାର ଯେପରି ଆବଶ୍ୟକ ପଦକ୍ଷେପ ନିଅନ୍ତି ତାହା ଜିଲ୍ଲା ଅଧିକାରୀମାନେ ସୁନିଶ୍ଚିତ କରିବେ । ଏହି ନିର୍ଦ୍ଦେଶ କେବଳ ପଶ୍ଚିମବଙ୍ଗ ନୁହେଁ ବରଂ ପୂରା ଦେଶରେ ଲାଗୁ ହେବ । ଏଥିସହ ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାରଙ୍କୁ ମଧ୍ୟ ସୁପ୍ରିମକୋର୍ଟ ନୋଟିସ୍ ଜାରି କରିଛନ୍ତି । ଏସ୍ଆଇଆର୍ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ରାଜ୍ୟରେ କେନ୍ଦ୍ରୀୟ ସଶସ୍ତ୍ର ବଳକୁ ମୁତୟନ କରାଯିବା କଥା ଏଥିରେ ଦର୍ଶାଯାଇଛି ।



# ଆମାଜନ ବଜାର ଗ୍ରାହକଙ୍କ କାରବାରରେ ୮ ଗୁଣ ବୃଦ୍ଧି

**ଭୁବନେଶ୍ୱର, ୧୦।୧୨ (ନି.ପ୍ର) :** ଆମାଜନ ଏହାର ଅଲ୍ଟ୍ରା-ଆଫୋର୍ଡେବଲିଟି ଷ୍ଟୋର, ଆମାଜନ ବଜାରରେ ଗ୍ରାହକଙ୍କ କାରବାରରେ ଆଠ ଗୁଣ ବୃଦ୍ଧି ହାସଲ କରିଥିବା ସମ୍ପର୍କରେ ଘୋଷଣା କରିଛି । ମୁଖ୍ୟତଃ ଟିୟର ୨ ଏବଂ ଟିୟର ୩ ସହରଗୁଡ଼ିକରେ ଗ୍ରହଣୀୟତା ବଢ଼ିବା ଦ୍ୱାରା ଏହି ବୃଦ୍ଧି ସମ୍ଭବ ହୋଇଛି। ଆମାଜନ ବଜାର ଫ୍ୟାଶନ୍, ଅଳଙ୍କାର, ଗୃହ ସାଜସଜ୍ଜା, ରୋଷେଇ ଘର ଏବଂ ଇଲେକ୍ଟ୍ରୋନିକ୍ ଆକ୍ସେସୋରିଜ୍ ଭଳି ବର୍ଗରେ ଉତ୍ପାଦଗୁଡ଼ିକର ଏକ ବଡ଼ ସଂଗ୍ରହ ପ୍ରଦାନ କରୁଛି ଯାହାର ମୂଲ୍ୟ ୬୦୦ ଟଙ୍କାରୁ କମ ରହିଥାଏ। ୨ କୋଟିରୁ ଅଧିକ ଉତ୍ପାଦ ପୂର୍ବରୁ ଉପଲବ୍ଧ ହେବା ସହିତ, ବଜାର ଗ୍ରାହକଙ୍କ ବିବିଧ ଆବଶ୍ୟକତା ଏବଂ ପସନ୍ଦଗୁଡ଼ିକୁ ପୂରଣ କରିବା ପାଇଁ ନିରନ୍ତର ଚୟନ ଯୋଡୁଛି, ସମସ୍ତ ଭାରତ ଗ୍ରାହକଙ୍କ ପାଇଁ ଟ୍ରେଣ୍ଡି, ବଜେଟ୍-ଅନୁକୂଳ ଉତ୍ପାଦଗୁଡ଼ିକୁ ଉପଲବ୍ଧ କରାଉଛି।

ଏହି ସିଜନରେ ଆମାଜନ୍ ବଜାରରେ କିଛି ସବୁଠାରୁ ଯୋଡା ହୋଇଥିବା ଉତ୍ପାଦ ମଧ୍ୟରେ ମହାନ ସେରାମିକ୍ ଧଳା ବୋତଲ-ଆକୃତି ଫୁଲଦାନୀକୁ ଟ.୧୯୦ ମୂଲ୍ୟରେ , ହସ୍ତନିର୍ମିତ କପା ମ୍ୟାକ୍ରେମ୍ ୱାଲ୍ ହ୍ୟାଙ୍ଗିଂ ମିରରକୁ ଟ.୪୯୮, ମାକ୍ରେମ୍ ପ୍ଲାଂଟ ହ୍ୟାଙ୍ଗରକୁ ଟ.୧୮୯ ରେ, ପ୍ଲାଷ୍ଟିକ୍ ଷ୍ଟୋରେଜ୍ ବାକ୍ସକୁ ଟ.୧୨୫ ରେ, ବହୁ-ଉଦ୍ଦେଶ୍ୟ ମଗ୍ ସେଟକୁ ଟ.୧୮୯ ରେ, ଶୀତକାଳୀନ ପୋଷାକ ଟ.୪୯୯ ରେ, ପେଣ୍ଡେଂଟ ହାର ସେଟ୍‌କୁ ଟ.୨୮୪ ରେ ଏବଂ ମେନ୍ସ ଫୁଲ୍ ସ୍ଲିଭ୍ କର୍ଡୁରୟ ଜ୍ୟାକେଟ ଟ.୪୯୯ ରେ ପାଇପାରିବେ।

# ସିଏସ୍‌ଆଇଆର -ଆଇଏମଏମଟି ଭୁବନେଶ୍ୱର ପକ୍ଷରୁ ବ୍ୟାଟେରୀ ସାମଗ୍ରୀ ଏବଂ ପୁନଃ ଚକ୍ରଣରେ ସୁଯୋଗ ଉପରେ କର୍ମଶାଳା

**ଭୁବନେଶ୍ୱର, ୧୦।୧୨ (ନି.ପ୍ର) :** ସିଏସ୍‌ଆଇଆର -ଆଇଏମଏମଟି ଭୁବନେଶ୍ୱର ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ , ଉଦ୍ୟୋଗୀ ଏବଂ ଯୁବ ଗବେଷକଙ୍କ ଉପରେ ଧ୍ୟାନ ଦେଇ ବ୍ୟାଟେରୀ ସାମଗ୍ରୀ ଏବଂ ପୁନଃଚକ୍ରଣରେ ସୁଯୋଗ ଶୀର୍ଷକ ଏକ ପାଞ୍ଚଦିନିଆ। ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ କର୍ମଶାଳାର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମକୁ ଏମ୍‌ଏସ୍‌ଏମ୍‌ଇ ବିକାଶ କଟକ ପ୍ରତିଷ୍ଠାନର ଯୁଗ୍ମ ନିର୍ଦ୍ଦେଶକ ଏବଂ କାର୍ଯ୍ୟାଳୟ ମୁଖ୍ୟ ଶ୍ରୀ ପି. କେ. ଗୁପ୍ତା ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ।

କାର୍ଯ୍ୟକ୍ରମର ସଂଯୋଜନା କରି ସିଏସ୍‌ଆଇଆର - ଆଇଏମଏମଟିର ପ୍ରମୁଖ ବୈଜ୍ଞାନିକ ଡକ୍ଟର ଉମାପଥି ବାଲାଜୀ କହିଛନ୍ତି ଯେ,ଏହି କର୍ମଶାଳା ଦୁଇଟି ପର୍ଯ୍ୟାୟରେ ସଂରଚିତ ହୋଇଛି। ପ୍ରଥମ ପର୍ଯ୍ୟାୟ ଚଳିତ ମାସ ୮ ଏବଂ ୯ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏହାଏମ୍‌ଏସ୍‌ଏମ୍‌ଇ ଏବଂ ଉଦ୍ୟୋଗୀ ମାନଙ୍କୁ ଉଦୀୟମାନ ବ୍ୟାଟେରୀ ରସାୟନ ବିଜ୍ଞାନ, ସାମଗ୍ରୀ ବିକାଶ ଏବଂ ପୁନଃଚକ୍ରଣ ପ୍ରଯୁକ୍ତି ବିଦ୍ୟା ବିଷୟରେ ବ୍ୟାପକ ବୁଝାମଣା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି। ଯାହା ବୃତ୍ତାକାର ଅର୍ଥନୀତିର ନୀତି ସହିତ ସମନ୍ୱିତ। ଦ୍ୱିତୀୟ ପର୍ଯ୍ୟାୟ ଚଳିତ ମାସ ଡିସେମ୍ବର ୧୫ରୁ ୧୭ ମଧ୍ୟରେ ଅନୁଷ୍ଠିତ ହେବ, ଏହା ସ୍ନାତକୋତ୍ତର ଛାତ୍ରଙ୍କ ଦକ୍ଷତା ବିକାଶ ପାଇଁ



ଉତ୍ସର୍ଗୀକୃତ, ବ୍ୟାଟେରୀ ସାମଗ୍ରୀ ଏବଂ ପୁନଃଚକ୍ରଣ ପ୍ରକ୍ରିୟାରେ ହାତ ପାଆନ୍ତା ତାଲିମ ସହିତ ମୌଳିକ ଧାରଣା ପ୍ରଦାନ କରୁଛି। ସେଆଲୁମିନିୟମ -ବାୟୁସିଷ୍ଟମ ସମେତ ଲିଥିୟମ-ଆଇଅନ୍ ବ୍ୟତୀତ ପରବର୍ତ୍ତୀପିଢ଼ିର ବ୍ୟାଟେରୀରେ ବଢୁଥିବା ବ୍ୟବସାୟ ସୁଯୋଗ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଏବଂ ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟ-ଅପଗୁଡ଼ିକୁ ସମର୍ଥନ କରିବା ପାଇଁ ଉପଲବ୍ଧ ଅନେକ ସରକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଆଇଏମଏମଟି-ଡିଏସ୍‌ଆଇଆର -ସିଆରଟିଡିଏଚ (ସାଧାରଣ ଗବେଷଣା ଏବଂ ପ୍ରଯୁକ୍ତି ବିଦ୍ୟା ବିକାଶ ହବ୍), ସିଏସ୍‌ଆଇଆର ସମନ୍ୱିତ ଦକ୍ଷତା ପଦକ୍ଷେପ ଏବଂ ସିଏସ୍‌ଆଇଆର-ଆଇଏମଏମଟି ଇନୋଭେଟିଭ ଟେକ୍ନୋଲୋଜି ସକ୍ଷମକେନ୍ଦ୍ର (ଆଇଏନ୍ ଟିଇସି) ଅଧୀନରେ ମିଳିତ ଭାବରେ ପରିଚାଳିତ ହେଉଛି।

ସିଆର.ଟିଡିଏଚ୍ ର ମୁଖ୍ୟ ବୈଜ୍ଞାନିକ ଏବଂ ସଂଯୋଜକ ଡକ୍ଟର ୱାଇ.ଏସ୍. ଚୌଧୁରୀ ସୂଚନା ଦେଇଛନ୍ତି ଯେ ସିଏସ୍‌ଆଇଆର - ଆଇଏମଏମଟିରେ ଆଇଏମଏମଟି-ଡିଏସଆଇଆର୍ -ସିଆରଟିଡିଏଚ ଷ୍ଟାର୍ଟ-ଅପ୍ ଉଦ୍ୟୋଗ ପାଇଁ ବୈଜ୍ଞାନିକ ଏବଂ ବୈଷୟିକ ପରାମର୍ଶ ସହିତ ବ୍ୟାଟେରୀ ସାମଗ୍ରୀ ନିର୍ମାଣ ଏବଂ ପୁନଃଚକ୍ରଣ ପାଇଁ ସାଧାରଣ ଗବେଷଣା ସୁବିଧା ଉପଲବ୍ଧତା ମାଧ୍ୟମରେ ଉଦ୍ୟୋଗୀ ମାନଙ୍କୁ ସମର୍ଥନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ସିଏସ୍‌ଆଇଆର-ଆଇଏମଏମଟିର ଆଇଏନଟିଇସିର ପ୍ରମୁଖ ବୈଜ୍ଞାନିକ ଏବଂ ପରିଚାଳକ ଡକ୍ଟର ଟି. ପବନ କୁମାର କହିଛନ୍ତି ଯେ ଆଇଏନ୍.ଟିଇସି ଦ୍ୱାରା ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ବୌଦ୍ଧିକ ସମ୍ପତ୍ତି ସୁରକ୍ଷା ଉପରେ ମାର୍ଗଦର୍ଶନ ସହିତ ୧୮ଟି ଷ୍ଟାର୍ଟ-ଅପ୍ ଉଦ୍ୟୋଗକୁ ପୂର୍ବରୁ ପ୍ରୋତ୍ସାହିତ ଏବଂ ସମର୍ଥନ କରାଯାଇଛି। ସେ ଏହାମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସିଏସ୍‌ଆଇଆର-ଆଇଏମଏମଟିକୁ ଏକ ସମ୍ପ୍ରତି ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ସୁବିଧା କେନ୍ଦ୍ର (ଟିଟିଏଫସି) ଭାବରେ ଚିହ୍ନଟ କରାଯାଇଛି ଯାହା ଏମ୍‌ଏସ୍‌ଏମ୍‌ଇ ଏବଂ ଷ୍ଟାର୍ଟଅପ ଗୁଡ଼ିକୁ ପେଟେଣ୍ଟସୁରକ୍ଷିତ କରିବା ଏବଂ ବାଣିଜ୍ୟକରଣକୁ ସକ୍ଷମ କରିବା ପାଇଁ ସହାୟତା କରିବ।

ମୁଖ୍ୟ ବୈଜ୍ଞାନିକ ଡକ୍ଟର ମମତା ମହାପାତ୍ର ବ୍ୟାଟେରୀ ଏବଂ ଶକ୍ତିସଂରକ୍ଷଣ କ୍ଷେତ୍ରରେ ସିଏସ୍‌ଆଇଆର-ଆଇଏମଏମଟିର ଗୁରୁତ୍ୱପୂର୍ଣ୍ଣ ଏବଂ ଚାଲୁଥିବା ଗବେଷଣା ଅବଦାନ ଉପରେ ଆଲୋକପାତ କରିଥିଲେ।

ବରିଷ୍ଠତମ ମୁଖ୍ୟ ବୈଜ୍ଞାନିକ ଡକ୍ଟର ଲକ୍ଷ୍ମୀଧର ବେସ୍ରା ଅଂଶଗ୍ରହଣକାରୀ ମାନଙ୍କୁ ସେମାନଙ୍କର ଉତ୍ସାହୀ ଅଂଶଗ୍ରହଣ ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଚିନ୍ତାଧାରାର ଅର୍ଥପୂର୍ଣ୍ଣ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବା ପାଇଁ ଛାତ୍ରଛାତ୍ରୀ ଏବଂ ଏମଏସଏମଇ ଗୁଡ଼ିକୁ ଏକ ସାଧାରଣମଞ୍ଚକୁ ଆଣିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରଯୁକ୍ତି ବିଦ୍ୟା ବିକାଶ ଏବଂ ଶିଳ୍ପଅଭିବୃଦ୍ଧି ପାଇଁ ଓଡ଼ିଶା ମଧ୍ୟରେ ସହଯୋଗ ସୁଯୋଗ ଅନୁସନ୍ଧାନ କରିବାକୁ ମଧ୍ୟ ଉତ୍ସାହିତ କରିଥିଲେ।

କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସମୟରେ, ଶ୍ରୀ ପି.କେ. ଗୁପ୍ତା ଏକ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ଏମଏସଏମଇ, ଉଦ୍ୟୋଗୀ ଏବଂ ଛାତ୍ରଛାତ୍ରୀଙ୍କ ଉପରେ ସ୍ୱତନ୍ତ୍ର ଭାବରେ କେନ୍ଦ୍ରିତ ଏକ କର୍ମଶାଳା ଆୟୋଜନ କରିବା ପାଇଁ ସିଏସଆଇଆର-ଆଇଏମଏମଟିକୁ ପ୍ରଶଂସା କରିଥିଲେ। ସେଓଡ଼ିଶାରେ ଏମଏସଏମଇ ପାଇଁ ଉପଲବ୍ଧ ବିଭିନ୍ନ ପାଣ୍ଠି ଏବଂ ନୀତିଗତ ସମର୍ଥନ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ବ୍ୟବସାୟ ଅଭିବୃଦ୍ଧି, ନବସୃଜନ ଏବଂ ପ୍ରଯୁକ୍ତିବିଦ୍ୟା ଗ୍ରହଣ ପାଇଁ ସୁଯୋଗର ସଦୁପଯୋଗ କରିବାକୁ ଅନୁରୋଧ କରିଥିଲେ।

# ଲିମ୍ଫାଟିକ ଫାଇଲେରିଆ ବିରୁଦ୍ଧରେ ଓଡ଼ିଶା ଏମ୍‌ଡିଏ ସମୀକ୍ଷା ତଥା ରାଜ୍ୟସ୍ତରୀୟ ଟ୍ରେନିଂ ଅଫ ଟ୍ରେନର୍ସ (ଟିଓଟି) କର୍ମଶାଳା

**ଭୁବନେଶ୍ୱର, ୧୦।୧୨ (ନି.ପ୍ର) :** ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପ୍ରଗତିକୁ ତ୍ୱରାନ୍ୱିତ କରିବା ନିମନ୍ତେ ଟ୍ରେନିଂ ଅଫ ଟେନର୍ସ (ଟିଓଟି) ବା ତାଲିମପ୍ରଦାନକାରୀଙ୍କର ଦୁଇଦିନିଆ ପୂର୍ଣ୍ଣାଙ୍ଗ କର୍ମଶାଳା ଆୟୋଜିତ ହୋଇଯାଇଛି, ଯାହା ଏହି ଅକ୍ଷମତା ସୃଷ୍ଟିକାରୀ ରୋଗର ନିରାକରଣ କରିବା ପାଇଁ ଜନସ୍ୱାସ୍ଥ୍ୟ ପ୍ରତି ରାଜ୍ୟର ଉତ୍ସର୍ଗୀକୃତ କାର୍ଯ୍ୟ ଏବଂ ଜାତୀୟ ଲକ୍ଷ୍ୟକୁ ପୁନଃ ଦୃଢୀଭୂତ କରିଛି। ଏହି କର୍ମଶାଳାକୁ ଡା. ବୃନ୍ଦା ଡି, ମିଶନ ଡାଇରେକ୍ଟର, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ଉଦ୍‌ଘାଟନ କରିଥିଲେ। ତାଙ୍କର ଉଦ୍‌ବୋଧନରେ ଡା. ବୃନ୍ଦା ଡି ସାମର୍ଥ୍ୟ ନିର୍ମାଣ, ଜ୍ଞାନର ସହଭାଗୀତା ଏବଂ ଏହି ଯୋଜନାର କାର୍ଯ୍ୟକଳାପଗୁଡିକର ସଫଳ ରୂପାୟନ ଉପରେ ଜୋର୍ ଦେଇଥିଲେ। ଏହି ଅବସରରେ ସେ ସମୂହ ଔଷଧ ସେବନ (ଏମ୍‌ଡିଏ) ଉପରେ ସର୍ବୋତ୍ତମ କାର୍ଯ୍ୟାଭ୍ୟାସର ଶୁଭାରମ୍ଭ କରିଥିଲେ।

ଏହି ପ୍ରକ୍ରିୟା ଏବଂ ସଂକ୍ରମଣ ଆକଳନ ସର୍ବେକ୍ଷଣ (ଟିଏଏସ୍) ତଥା ଫାଇଲ ପ୍ରସ୍ତୁତି ସମ୍ପର୍କରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ପ୍ରୟାସଗୁଡିକ ମଜଭୁତ ନିରୀକ୍ଷଣ, ଚିକିତ୍ସା ବିଧି, ରୋଗ ପରିଚାଳନା ଏବଂ ଗୋଷ୍ଠୀ ନିୟୋଜନତା ଜରିଆରେ ଫାଇଲେରିଆ ନିରାକରଣ ତ୍ୱରାନ୍ୱିତ କରିବାକୁ ଏକ ରଣକୌଶଳାତ୍ମକ ନକ୍ସା ଯୋଗାଇଦେବ ବୋଲି ଉଲ୍ଲେଖ କରାଯାଇଥିଲା। ସେ ସୂଚନା ଦେଇ କହିଥିଲେ ଯେ, ସମସ୍ତ ମାନବ ସମ୍ବଳ, ଅଣୁସ୍ତରୀୟ ଯୋଜନା କାର୍ଯ୍ୟକଳାପ ଏବଂ ଫାଇଲେରିଆ ନିରାକରଣକାରୀ ଔଷଧଗୁଡିକ ଯେଭଳି ମହଜୁଦ ରହିବ ତାହା ସୁନିଶ୍ଚିତ କରିବାକୁ ଏମ୍‌ଡିଏ ପର୍ଯ୍ୟାୟଗୁଡିକର ପ୍ରସ୍ତୁତି ସମ୍ପର୍କରେ




ଅତ୍ୟନ୍ତ ନିଖୁଣ ଭାବରେ ସମୀକ୍ଷା କରାଯାଉଛି। ସଫଳ ସମୂହ ଔଷଧ ସେବନ ପର୍ଯ୍ୟାୟ ପରିଚାଳନା କରିବା ଏବଂ ଶତ ପ୍ରତିଶତ କଭରେଜ ହାସଲ କରିବାକୁ ଏହିଭଳି ଟିକିନିଖି ଯୋଜନା ପ୍ରସ୍ତୁତି ନିତାନ୍ତ ଜରୁରୀ।

ତାଲିମ କର୍ମଶାଳା ଅବସରରେ ଡା.ନୀଳକଣ୍ଠ ମିଶ୍ର, ଡାଇରେକ୍ଟର, ପବ୍ଲିକ ହେଲ୍‌ଥ, ଓଡ଼ିଶା ଜିଲ୍ଲାସ୍ତରରେ ଏବଂ ଉପଜିଲ୍ଲା ସ୍ତରରେ ଉଚ୍ଚ ମାନର ତାଲିମ ସୁନିଶ୍ଚିତ କରିବାକୁ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦେଇଥିଲେ। ଏ କ୍ଷେତ୍ରରେ ଓଡ଼ିଶାର ନିରନ୍ତର ଉନ୍ନତି ନିମନ୍ତେ ସେ ପ୍ରଶଂସା କରିବା ସହିତ ପ୍ରତିବର୍ଷ ରାଜ୍ୟ ଏକ ନୂଆ ମାନକ ସ୍ଥାପନ କରୁଛି ଏବଂ ଫାଇଲେରିଆ-ମୁକ୍ତ ଓଡ଼ିଶା ଗଠନ ସାମୂହିକ ଲକ୍ଷ୍ୟ ହାସଲ ଦିଗରେ ନିଜର ପ୍ରଚେଷ୍ଟାକୁ ପୁନଃମଜଭୁତ କରୁଛି ବୋଲି ଉଲ୍ଲେଖ କରିଥିଲେ। ଡା.ମିଶ୍ର ଏବଂ ଉପସ୍ଥିତ ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଏହି ଅବସରରେ ଏକ ସଂଶୋଧିତ ଜାତୀୟ ମାର୍ଗଦର୍ଶିକା ଉନ୍ମୋଚିତ ହୋଇଥିଲା।

ଡା. ସୁଚିତ୍ରା ସାସମଲ, ସିନିୟର ରିଜିଓନାଲ ଡାଇରେକ୍ଟର, ରିଜିଓନାଲ ହେଲ୍‌ଥ ଆଣ୍ଡ ଫ୍ୟାମିଲି ୱେଲଫେୟାର, ଓଡ଼ିଶା ଉଲ୍ଲେଖ କରିଥିଲେ ଯେ, ଭାରତ ସରକାରଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ଫାଇଲେରିଆ ନିରାକରଣ ନିମନ୍ତେ ଓଡ଼ିଶାକୁ ସମସ୍ତ ପ୍ରକାର ସମର୍ଥନ ଯୋଗାଇଦେବାକୁ ପ୍ରସ୍ତୁତ ଅଛି।

ତାଙ୍କର ଉଦ୍‌ବୋଧନ ଅବସରରେ ଡା.ପ୍ରଭାକର ସାହୁ, ଏଡି ଭିବିଡି ତଥା ଏସ୍‌ପିଓ ଓଡ଼ିଶା ରାଜ୍ୟର ଉଲ୍ଲେଖନୀୟ ପ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ୨୦୨୩ରେ ଓଡ଼ିଶା ୨୧ଟି ଜିଲ୍ଲାରେ ୩୪୯ଟି ଇମ୍ପ୍ଲିମେଣ୍ଟସନ ୟୁନିଟ (ଆଇୟୁଏସ୍)ରେ ଏମଡିଏ ଆୟୋଜନ କରିଥିଲା। ୨୦୨୫ ବେଳକୁ ଏହି ସଂଖ୍ୟା ୧୮ଟି ଜିଲ୍ଲାରେ ୧୬୧ ଆଇୟୁଏସ୍‌କୁ ହ୍ରାସ ପାଇଛି, ଯେଉଁଥିରୁ ଏହି ରୋଗ ନିୟନ୍ତ୍ରଣ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବା ପ୍ରଦର୍ଶିତ ହେଉଛି। ୧୮ଟି ଆପଦପ୍ରବଣ ଜିଲ୍ଲାର ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଟିଓଟିରେ ଅଂଶଗ୍ରହଣ କରିବା ସହିତ ନୂଆକରି ଉନ୍ମୋଚିତ ଜାତୀୟ ମାର୍ଗଦର୍ଶିକା ଉପରେ ବିସ୍ତୃତ ତାଲିମ ଗ୍ରହଣ କରିଥିଲେ। ଏଥିରେ ଥିବା ମୁଖ୍ୟ ବିଷୟଗୁଡିକ ମଧ୍ୟରେ ସମୂହ ଔଷଧ ସେବନ (ଏମ୍‌ଡିଏ) ନିମନ୍ତେ ତାଜା କାର୍ଯ୍ୟବିଧି, ରୋଗ ପରିଚାଳନା ଏବଂ ଅକ୍ଷମତା ନିରାକରଣ (ଏମଏମଡିପି) ନିମନ୍ତେ ଉନ୍ନତ ରଣକୌଶଳ, ସତର୍କ ଦୃଷ୍ଟି ନିରୀକ୍ଷଣ ବ୍ୟବସ୍ଥା ଏବଂ ତଥ୍ୟ ରିପୋର୍ଟିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା, ଗୋଷ୍ଠୀ ସଚେତନତା ଏବଂ ଆଚରଣଗତ ପରିବର୍ତ୍ତନ ସମ୍ପର୍କିତ ଯୋଗାଯୋଗ, ପରିବର୍ଦ୍ଧିତ ଆନ୍ତଃ ବିଭାଗୀୟ ସମନ୍ୱୟ ଓ ନିରୀକ୍ଷଣ।

# ବେଦାନ୍ତ ଝାରସୁଗୁଡା ସିମୁଲେଟର-ଆଧାରିତ ଡ୍ରାଇଭର ତାଲିମରେ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିଛି



**ଝାରସୁଗୁଡା, ୧୦।୧୨ (ନି.ପ୍ର) :** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଭାରୀ ମୋଟର ଯାନ (ଏଚଏମଭି) ଏବଂ ହାଲୁକା ମୋଟର ଯାନ (ଏଲଏମଭି) ଡ୍ରାଇଭରମାନଙ୍କ ପାଇଁ ୫,୦୦୦ ରୁ ଅଧିକ ସିମୁଲେଟର-ଆଧାରିତ ତାଲିମ ଅଧିବେଶନର ସଫଳତାର ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ-ସୁରକ୍ଷା ମାଇଲଖୁଂଟ ହାସଲ କରିଛି। ଏହି ପଦକ୍ଷେପ କମ୍ପାନୀର କାର୍ଯ୍ୟକ୍ଷମ ଇକୋସିଷ୍ଟମରେ ଘଟଣା-ମୁକ୍ତ ପରିବହନ ଏବଂ ଏକ ଶୂନ୍ୟ-କ୍ଷତି ସଂସ୍କୃତି ପ୍ରତି ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଇଛି। ଏଚଏମଭି ଏବଂ ଏଲଏମଭି ସିମୁଲେଟର ତାଲିମ କେନ୍ଦ୍ର ଡ୍ରାଇଭରମାନଙ୍କୁ ପ୍ଲାଂଟ ମଧ୍ୟରେ କିମ୍ବା ଆଖପାଖରେ କାର୍ଯ୍ୟ କରିବା ପୂର୍ବରୁ ବାସ୍ତବ-ସଡ଼କ ବିଚାର ଏବଂ ପ୍ରତିରକ୍ଷା ଡ୍ରାଇଭିଂ ଦକ୍ଷତା ସହିତ ସଜ୍ଜିତ କରିଥାଏ। ଭର୍ଚୁଆଲ୍ ରିଆଲିଟି (ଭିଆର) ଏବଂ ଅଗମେଂଟେଡ୍ ରିଆଲିଟି (ଏଆର) ବ୍ୟବହାର କରି, ଏହି କାର୍ଯ୍ୟକ୍ରମ ଏକ ସଂରଚିତ, ପ୍ରଯୁକ୍ତିବିଦ୍ୟା-ଚାଳିତ ଅଭିଜ୍ଞତା ପ୍ରଦାନ କରେ ଯାହା ଅଂଶଗ୍ରହଣକାରୀମାନଙ୍କୁ ପ୍ରତିକ୍ରିୟା ସମୟ, ପ୍ରତୀକ୍ଷା, ପରିଧିୟ ଦୃଷ୍ଟି ଏବଂ ବିଚାର ଭଳି ଗୁରୁତ୍ୱପୂର୍ଣ୍ଣ ଦକ୍ଷତା ଉପରେ ମୂଲ୍ୟାଙ୍କନ କରେ। ଡ୍ରାଇଭରମାନେ ସଠିକ୍ ଡ୍ରାଇଭିଂ ଜୋନରେ ରିଭର୍ସ କରିବା, ଚିତ୍ର-୮ ଟ୍ରାକରେ ନାଭିଗେସନ୍, ସମାନ୍ତରାଳ ଏବଂ ରିଭର୍ସ ପାର୍କିଂ, ଟ୍ରାଫିକରେ ସୁରକ୍ଷିତ ମିଶ୍ରଣ ଏବଂ ବିଭିନ୍ନ ଭୂଖଣ୍ଡ ଏବଂ ପାଣିପାଗ ପରିସ୍ଥିତିରେ ପ୍ରତିରକ୍ଷାମୂଳକ ଡ୍ରାଇଭିଂ ଭଳି ଉନ୍ନତ କୌଶଳ ଅଭ୍ୟାସ କରନ୍ତି। ଏହି ପଦ୍ଧତି ବ୍ୟବହାରିକ ଶିକ୍ଷା ଏବଂ ଆଚରଣଗତ ସୁରକ୍ଷାକୁ ପ୍ରାଥମିକତା ଦିଏ, ଯାହା ନିଶ୍ଚିତ କରେ ଯେ ଡ୍ରାଇଭରମାନେ କେବଳ ଯୋଗ୍ୟତା ପାଇବା ପରିବର୍ତ୍ତେ ସୁରକ୍ଷିତ-ଡ୍ରାଇଭିଂ ଶୃଙ୍ଖଳାକୁ ଆନ୍ତରିକ କରନ୍ତି। ସେପ୍ଟେମ୍ବର ୨୦୨୫ ରେ, କାର୍ଯ୍ୟକ୍ରମକୁ ଯାନବାହାନ ଏବଂ ଡ୍ରାଇଭିଂ ଅନୁପାଳନ ତାଲିମ ଅନ୍ତର୍ଭୁକ୍ତ କରିବା ପାଇଁ ବିସ୍ତାରିତ କରାଯାଇଥିଲା, ଯାହାକି ଉତରଦାୟିତ୍ୱକୁ ସୁଦୃଢ଼ କରିଥିଲା। ମେ ୨୦୨୫ ରେ ଏହାର ପ୍ରଚଳନ ପରଠାରୁ, ଫ୍ଲିକୃତ ଡ୍ରାଇଭରମାନେ ସଂଶୋଧନାତ୍ମକ ସିମୁଲେଟର ତାଲିମ ସମାପ୍ତ କରିଛନ୍ତି, ଯାହା ରାସ୍ତାରେ ଶୃଙ୍ଖଳା ଏବଂ ଆଚରଣଗତ ସୁରକ୍ଷାରେ ଉଲ୍ଲେଖନୀୟ ଉନ୍ନତି ଦେଖାଇଛି। ଯେଉଁ ଡ୍ରାଇଭରମାନଙ୍କୁ ଅତିରିକ୍ତ ମାର୍ଗଦର୍ଶନ ଆବଶ୍ୟକ ସେମାନେ ଗାଡ଼ି ଚଲାଇବା ପାଇଁ ପୁନଃଅଧିକୃତ ହେବା ପୂର୍ବରୁ ପୁନଃତାଲିମ ତାଲିମ ପାଆନ୍ତି, ଏକ ଦୃଢ଼ ଅନୁପାଳନ ଢାଂଚା ସୃଷ୍ଟି କରନ୍ତି।

# ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତ ଗ୍ରାମାଞ୍ଚଳରେ ସକାରାତ୍ମକ ପରିବର୍ତ୍ତନ ଆଣିଛି ୟୁଏଆଇଏଲ୍

**ରାୟଗଡ଼ା, ୧୦।୧୨ (ନି.ପ୍ର) :** ରାୟଗଡ଼ା ଜିଲ୍ଲା ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ସିଏସଆର୍ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଉଦ୍ୟମି ଗ୍ରାମାଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧି ଆଣିଛି । ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ସୀମାନ୍ତ ୨ଟି ବ୍ଲକରେ ସୃଷ୍ଟି ହେଲାଣି ୩୦୧ କ୍ଷୁଦ୍ର ଉଦ୍ୟୋଗ। ଏଥିପାଇଁ ସ୍ୱାବଲମ୍ବୀ ହେଉଛନ୍ତି କ୍ଷୁଦ୍ର ଉଦ୍ୟୋଗୀ । ମାସିକ ରୋଜଗାରରେ ୧୨୦ ପ୍ରତିଶତରୁ ଉର୍ଦ୍ଧ୍ୱ ବୃଦ୍ଧି ହୋଇଥିବା ବେଳେ ୟୁଏଆଇଏଲର ଏଭଳି ପଦକ୍ଷେପ ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉତ୍ସାହ ପରିଲକ୍ଷିତ ହୋଇଛି। ଟିକିରି ତଥା ପାର୍ଶ୍ୱସ୍ଥ ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଆତ୍ମନିର୍ଭରଶୀଳ ଚେତନା ବିକାଶ ତଥା ସେମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଉତ୍କଳ ଆଲୁମିନା ଉଦ୍ୟମି ପ୍ରକଳ୍ପ କାର୍ଯ୍ୟକାରୀ କରିଛି। ପ୍ଲାଣ୍ଟ ପ୍ରଭାବିତ ତଥା ପାର୍ଶ୍ୱସ୍ଥ କାଶୀପୁର ଓ ପଡ଼ୋଶୀ କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକର ୧୦୫ ଟି ଗ୍ରାମରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ସମ୍ପ୍ରତି ଗ୍ରାମରେ କ୍ଷୁଦ୍ର ଉଦ୍ୟୋଗ ସୃଷ୍ଟି କରିବା ତଥା ଏହାର




ପରିଚାଳନା ପାଇଁ ଉଦ୍ୟୋଗୀ ମାନଙ୍କୁ ସମ୍ପୂର୍ଣ୍ଣ କୌଶଳ, ପ୍ରାରମ୍ଭିକ ପାଣ୍ଠି, ଆବଶ୍ୟକ ଯାନ୍ତ୍ରିକ ଉପକରଣ, ପ୍ରଶାସନିକ ସହାୟତା ସମେତ କଞ୍ଚାମାଲ୍ ଯୋଗାଇ ବାଜରିକରଣ ପାଇଁ ପ୍ରତେକ୍ଷ ସହଯୋଗ ପ୍ରଦାନ କରିବା ହେଉଛି ଏହାର ଉଦ୍ଦେଶ୍ୟ। ଗତ ୨୦୨୧ ଜୁଲାଇ ଠାରୁ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ଜରିଆରେ ଉତ୍କଳ ଆଲୁମିନା ଚତୃପାର୍ଶ୍ୱ ଗ୍ରାମାଞ୍ଚଳରେ ଶତାଧିକ ଉଦ୍ୟମୀ ମାନେ ନିଜର ଇଚ୍ଛାଶକ୍ତି ଏବଂ କମ୍ପାନୀର ପ୍ରତେକ୍ଷ ସହଯୋଗରେ କ୍ଷୁଦ୍ର ଉଦ୍ୟୋଗ ପ୍ରତିଷ୍ଠା କରି ନିଜେ ଆତ୍ମନିର୍ଭରଶୀଳ ହୋଇଛନ୍ତି। ବାସୁଦେବ ବିଶୋଇ ଏପରି ଜଣେ ସଫଳ ଉଦ୍ୟମି। ଟିକିରି ସହରାଞ୍ଚଳରେ ଛୋଟ ଦୋକାନରୁ ନିଜ ବ୍ୟବସାୟ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟରେ ସେ ଫ୍ଲେକ୍ସ ଓ ଷ୍ଟୁଡିଓ ବ୍ୟବସାୟ କରି ଭଲ ଲାଭବାନ ହୋଇଛନ୍ତି। ଏହି ଉଦ୍ୟମି ପ୍ରକଳ୍ପ ଦ୍ୱାରା ମୋଟ ୩୦୧ ଟି କ୍ଷୁଦ୍ର ଶିଳ୍ପ ତଥା ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବାବେଳେ ପରୋକ୍ଷ ଭାବେ ୨୪୮ ଜଣ ବ୍ୟକ୍ତିବିଶେଷଙ୍କୁ ରୋଜଗାର ମିଳିଛି। ଏହାଦ୍ୱାରା ପୂର୍ବରୁ ଦାଦନ ଖଟିବାକୁ ଯାଇଥିବା ୩୭ଜଣ ବ୍ୟକ୍ତିଙ୍କୁ ନିଜ ଗ୍ରାମରେ ରହି ରୋଜଗାର କରିବା ପାଇଁ ସୁଯୋଗ ପ୍ରଦାନ କରିଛି। ଉପରୁକ୍ତ ଉଦ୍ୟୋଗ ମଧ୍ୟରୁ ସେବା କ୍ଷେତ୍ରରେ ୧୩୪ ଗୋଟି ଉଦ୍ୟୋଗ ପ୍ରତିଷ୍ଠା ହୋଇଥିବା ସ୍ଥଳେ ଉତ୍ପାଦନ କ୍ଷେତ୍ରରେ ୭୦ ଟି ଓ ବ୍ୟବସାୟ ଭିତ୍ତିକ ଶିଳ୍ପରେ ୯୭ ଗୋଟି ଉଦ୍ୟୋଗ କାର୍ଯ୍ୟକାରୀ ହୋଇଛି। ଉଦ୍ୟମି ଦ୍ୱାରା ଉପକୃତ ହୋଇଥିବା ଜଣେ ମହିଳା ଉଦ୍ୟୋଗୀ ହେଉଛନ୍ତି ରୋଜାଲିନ ଖୋରା। ଏନେଇ ସେ ସୂଚନା ଦେଇ କହିଛନ୍ତି ଯେ, ବ୍ୟବସାୟ ଆରମ୍ଭ କରିବା ନେଇ ସେ ବହୁତ ଆଶାବାଦୀ ଥିଲେ।

# ବେଆଇନ ମଶା-ବିରୋଧୀ ଅଗରବତି 'ସ୍ଲିପୱେଲ' ଉପରେ କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର, ୧୦।୧୨ (ନି.ପ୍ର) :** 'ସ୍ଲିପୱେଲ' ମଶା ପ୍ରତିରୋଧୀ ଅଗରବତି ସମଗ୍ର ଭାରତରେ ଅନଲାଇନରେ ବିକ୍ରି ହୁଏ ଏବଂ ନିର୍ଦ୍ଦିଷ୍ଟ ସହରଗୁଡ଼ିକରେ, ବିଶେଷକରି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, କେରଳ ଏବଂ ଗୁଜରାଟ ଭଳି ରାଜ୍ୟରେ ବିଭିନ୍ନ ସ୍ଥାନୀୟ ବିତରକ ଏବଂ ଖୁଚୁରା ବ୍ୟବସାୟୀଙ୍କ ମାଧ୍ୟମରେ ମଧ୍ୟ ଉପଲବ୍ଧ ହେଉଛି। ତଥାପି, ବଡ଼ ଧରଣର ଚଢାଉ ଏବଂ ଜବତ ପରେ ସରକାର ସ୍ଲିପୱେଲ ବିରୁଦ୍ଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି।




ଘରୋଇ କୀଟନାଶକର ନିରାପଦ ବ୍ୟବହାରକୁ ପ୍ରୋତ୍ସାହିତ କରୁଥିବା ଏକ ଅଣଲାଭକାରୀ ଶିଳ୍ପ ସଂସ୍ଥା ଘରୋଇ କୀଟନାଶକ ନିୟନ୍ତ୍ରଣ ସଂଘ (ଏଚଆଇସିଏ) ଏହି କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛି ଏବଂ ସରକାରଙ୍କୁ ନିରନ୍ତର କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ଅନୁରୋଧ କରିଛି। ଏଚଆଇସିଏ ସ୍ଲିପୱେଲ, କର୍ଟ, ରିଲାକ୍ସ, ଗଡଜିଲା ସମେତ ଭ୍ରାମକ ନାମରେ ବିକ୍ରି ହେଉଥିବା ଏପରି ଅନେକ ବେଆଇନ ଅଗରବତି ବ୍ରାଣ୍ଡ ବିଷୟରେ ଚିଂ ପ୍ରକାଶ କରିଛି। 'ସ୍ଲିପୱେଲ' ମଶା ପ୍ରତିରୋଧୀ ଧୂପକାଠିଗୁଡ଼ିକ ବେଙ୍ଗାଲୁରୁର ଆଶିକା ଧୂପକାଠି ଇନକର୍ପୋରେଟେଡ୍ ଦ୍ୱାରା ପ୍ରସ୍ତୁତ କରାଯାଏ। ରାଜ୍ୟ କୃଷି ବିଭାଗର ନିର୍ଦ୍ଦେଶ ଅନୁଯାୟୀ, ଏନଟିଆର ଜିଲ୍ଲାର କୃଷି ଅଧିକାରୀମାନେ ବିଜୟୱାଡ଼ାର ଗୁଣଡାଲାରେ ସାଇ ହନୁମାନ ଏଜେନ୍ସିଗୁଡ଼ିକୁ ଯାଞ୍ଚ କରିଥିଲେ। ନମୁନାଗୁଡ଼ିକୁ ପରୀକ୍ଷା ପାଇଁ ହାଇଦ୍ରାବାଦର ଜାତୀୟ ଉଦ୍ଭିଦ ସ୍ୱାସ୍ଥ୍ୟ ପରିଚାଳନା ସଂସ୍ଥା (ଏନ୍‌ଆଇପିଏଚ୍‌ଏମ)କୁ ପଠାଯାଇଥିଲା। ପରୀକ୍ଷାଗାର ଫଳାଫଳରୁ ମେପରଫ୍ଲୁଥ୍ରିନ୍ ଉପସ୍ଥିତି ନିଶ୍ଚିତ ହୋଇଛି, ଏହା ଏକ ରାସାୟନିକ ପଦାର୍ଥ ଯାହା କେନ୍ଦ୍ରୀୟ କୀଟନାଶକ ବୋର୍ଡ ଏବଂ ପିକରଣ କମିଟି (ସିଆଇବିଆରସି) ଦ୍ୱାରା ମଶା ପ୍ରତିରୋଧକରେ ବ୍ୟବହାର ପାଇଁ ଅନୁମୋଦିତ ନୁହେଁ। ଏହାର ନିର୍ଣ୍ଣିତକରଣ ପରେ, କର୍ତ୍ତୃପକ୍ଷମାନେ ସମ୍ପ୍ରତି ବିଜୟୱାଡ଼ାର ଏକ ସଂରକ୍ଷଣ ସୁବିଧାରୁ ୬୯ ଲକ୍ଷରୁ ଅଧିକ ମୂଲ୍ୟର ସାମଗ୍ରୀ ଜବତ କରିଛନ୍ତି ଏବଂ ଏହି ଉତ୍ପାଦଗୁଡ଼ିକର ବିକ୍ରୟ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକରେ ମଧ୍ୟ ସମାନ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଓଡ଼ିଶା ସମେତ ରାଜ୍ୟଗୁଡ଼ିକରେ ମଶା ନିରୋଧକ ଭାବରେ ବଜାରକୁ ଆସୁଥିବା ଅଗରବତି କ୍ରୟ କରିବା ସମୟରେ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

# ଟାଟା ମୋଟର୍ସ ନବୀକରଣତା, ସାହାଯ୍ୟକାରୀତା ଏବଂ ବୁଦ୍ଧିମତା ଚଳମାନ ସମାଧାନ ସହିତ ଏହାର ଗତିପଥକୁ ଏକ୍ସକନ ୨୦୨୫ରେ ଆଗକୁ ବଢ଼ାଇପାରିଛି

**ଭୁବନେଶ୍ୱର, ୧୦।୧୨ (ନି.ପ୍ର):** ଟାଟା ମୋଟର୍ସ, ଭାରତର ସର୍ବବୃହତ୍ ବାଣିଜ୍ୟିକ ଯାନ ଉତ୍ପାଦନକାରୀ, ଆଧୁନିକତମ ସମାଧାନର ଏକ ବିବିଧ ପୋର୍ଟଫୋଲିଓର ଅନାବରଣ କରିଛି ଏକ୍ସକନ ୨୦୨୫ ଠାରେ, ଯାହାକି ଦକ୍ଷିଣ ଆଫ୍ରିକାର ପ୍ରିମିୟମର ନିର୍ମାଣକାରୀ ଯନ୍ତ୍ରାଂଶର ଏକ ପ୍ରଦଶନୀ, ଯାହାକି ଦେଶର ଦୃତ ପ୍ରସାରଣକାରୀ ଭିତିଭୂମି ତଥା ନିର୍ମାଣକାରୀ କ୍ଷେତ୍ରକୁ ସମର୍ଥନ କରିପାରିବ। 'ଉତ୍ପାଦନ ସାମର୍ଥ୍ୟକାରୀ ଅନୁଧାବନ' ଭଳି ଏହାର ପ୍ରସଙ୍ଗକୁ ପ୍ରତିଫଳିତ କରି, କମ୍ପାନୀ ଉପସ୍ଥାପନ କରିଛି କଠିନ-ବ୍ୟବହାରକାରୀ ଭବିଷ୍ୟତ-ପ୍ରସ୍ତୁତକାରୀ ଯାନ ଯାହାକି କାର୍ଯ୍ୟକ୍ଷମ ଦକ୍ଷତା ଏବଂ ଭାରବହନକାରୀ ଲାଭ ପ୍ରଦାନକାରୀତାକୁ ଯଥେଷ୍ଟ ବୃଦ୍ଧି ପାଇଁ ଏହାର ଡ଼ିଜାଇନ ହୋଇଛି ଦି ପ୍ରାଇମା ୩୫୪୦.କେ ଅଟୋସିଫ୍ଟ ଏହି ଶୁଭାରମ୍ଭର ଅଗ୍ରଦୂତ ଅଟେ - ଟାଟା ମୋଟର୍ସର ସବୁଠାରୁ ଶକ୍ତିଶାଳୀ ଟିପ୍ପର ଅଟେ ଯାହାକି ଗଭୀରତମ ଖଣି ଉପଯୋଗୀ ପାଇଁ ପ୍ରସ୍ତୁତ ଯାନ୍ତ୍ରିକୀ ଅଟେ - ଏଥିସହିତ ସମସ୍ତ -ବୈଦ୍ୟୁତିକାରୀ ପ୍ରାଇମା ଇ.୨୮କେ ଏବଂ ଦି ସିଗ୍‌ନା ୨୮୧୮.ଟିକେ ସିଏନଜି, ଭାରତର ପ୍ରଥମ କାରଖାନା-ପ୍ରସ୍ତୁତକାରୀ ଖା ଯାଇଥିବା ସିଏନଜି ଟିପ୍ପର। ଅଭିନନ୍ଦନୀୟ ଏସବୁ ସର୍ବମୋଟ ବ୍ୟାପକ ପ୍ରଦର୍ଶନକାରୀତା ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି, ଶିଳ୍ପଉପଯୋଗୀ ଇଜିନ, ଏକ୍ସେଲ ଏବଂ ଜେନସେଟ ଯାହାକି ଟାଟା ମୋଟର୍ସର ନବୀନତମତା ଏବଂ ବ୍ୟବହାରକାରୀତା ପାଇଁ ବଚନ




ବଦ୍ଧତାକୁ ବଳବତର ରଖିଛି।

ଏକ୍ସକନ ୨୦୨୫ ଠାରେ ଏହି ବାଣିଜ୍ୟିକ ଯାନର ଶୁଭାରମ୍ଭ ଅବସରରେ ରାଜେଶ କୌଲ, ଉପସଭାପତି ଏବଂ ବିଜିନେସ ପ୍ରମୁଖ-ଟ୍ରକ୍ସ, ଟାଟା ମୋଟର୍ସ ଲିଃ. କହିଛନ୍ତି, 'ଏକ୍ସକନ ଯଥାର୍ଥରେ ଟାଟା ମୋଟର୍ସ ନିମତେ ଏକ ପ୍ରମୁଖ ପ୍ଲାଟଫର୍ମ ହୋଇ ରହିବ ଯାହାକି ଆଧୁନିକତମ ଯାନ୍ତ୍ରିକୀ କଳା ଏବଂ ଗ୍ରାହକ-ଆକର୍ଷଣୀୟ ସମାଧାନର ପ୍ରଦର୍ଶନକୁ ନେଇ ଆମେ ଭାରତର ନିର୍ମାଣ ଅଭିବୃଦ୍ଧି ଏବଂ ଖଣି ଖାଦାନର ପ୍ରାକୃତିକ ଦୃଶ୍ୟ ସମର୍ଥନ ନିମନ୍ତେ ଏହାକୁ ଆଣିପାରିବୁ। ଯେହେତୁ ସମଗ୍ର ଦେଶରେ ଭିତିଭୂମି କାର୍ଯ୍ୟକଳାପ ବହୁ ଅଧିକ ମାତ୍ରାରେ ଆଗକୁ ଗତି କରୁଛି, ଗ୍ରାହକ ଆବଶ୍ୟକକାରୀ ବିଶ୍ୱସନୀୟତା ଉଚ୍ଚ-ଉତ୍ପାଦନ ସାମର୍ଥ୍ୟତା ବର୍ଦ୍ଧିତ କାର୍ଯ୍ୟକାରୀ ଦକ୍ଷତା ଏବଂ ଲାଭକାରୀତାକୁ ପ୍ରଦାନ କରୁଅଛି। ଫ୍ଲାଗସିପ ପ୍ରାଇମା ୩୫୪୦ ଡ଼ଟକେର ଉପସ୍ଥାପନ ସହିତ, ଆମେ ଅତ୍ୟନ୍ତ ଗର୍ବର ସହିତ ସେହି ଗଭୀର-ଖଣି ଖାଦାନ ସେଗମେଂଟରେ ଏକ ଉଦ୍ଦେଶ୍ୟ-ସାଧନ ପ୍ରସ୍ତୁତକାରୀ ସମାଧାନ ସହିତ ଏହି ଅବସ୍ଥିତିରେ ରହିଥିବା ସବୁଠାରୁ ଅଧିକ ଯାନ୍ତ୍ରିକୀ ଚାହିଦାକୁ ନେଇ ଆମର ପ୍ରବେଶକୁ ଚିହ୍ନଟ କରିପାରିଛୁ। ପୁନର୍ବାର ସେହି ବ୍ୟବହାରକାରୀ ଚଳମାନତା ପାଇଁ ରହିଥିବା ଆମର ବଚନବଦ୍ଧତାକୁ ନେଇ, ଆମେ ଅତ୍ୟନ୍ତ ଉତ୍ସାହର ସହିତ ସେହି ପ୍ରାଇମା ଇ.୨୮କେର ଶୁଭାରମ୍ଭ କରିଛୁ, ଯାହାକି ଆମର ସମ୍ପୂର୍ଣ୍ଣ - ବୈଦ୍ୟୁତିକ ପ୍ରଥମ ଟିପ୍ପର ଅଟେ, ଯାହାକି ଶୂନ୍ୟ-ଘର୍ଷଣକାରୀ ଦକ୍ଷତା ପ୍ରଦାନ ପାଇଁ ଡ଼ିଜାଇନ ହୋଇଥିବା ବେଳେ ଆମର ଶକ୍ତି ଏବଂ ଉତ୍ପାଦନକାରୀତା ପାଇଁ ଏ ଦିଗରେ ଆମକୁ କୌଣସି ଆପୋଷ ସମାଧାନର ଆବଶ୍ୟକତା ନାହିଁ।



# ବିଜେପିର ପ୍ରଦେଶ ସ୍ତରୀୟ ସାଂଗଠନିକ କର୍ମଶାଳା

**ଭୁବନେଶ୍ୱର, ୧୦।୧୨ (ନି.ପ୍ର) :** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ଭାରତୀୟ ଜନତା ପାର୍ଟି ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ସାଧାରଣ ଲୋକଙ୍କ ପାଖରେ ପହଂଚାଇବା ସହ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ସଂଗଠନ ସହ ସମନ୍ୱୟ କରି ଦେଶ ଏବଂ ଓଡ଼ିଶାର ବିକାଶ କରିବା ପାଇଁ ବିଭିନ୍ନ ସମୟରେ ବିଜେପି ପକ୍ଷରୁ କର୍ମଶାଳା ଆୟୋଜନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କାର୍ଯ୍ୟାଳୟରେ ପ୍ରଦେଶସ୍ତରୀୟ ସାଙ୍ଗଠନିକ କର୍ମଶାଳ ଅନୁଷ୍ଠିତ ହୋଇଯାଇଛି ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହଛନ୍ତ। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶାବାସୀଙ୍କ ଆଶୀର୍ବାଦ ଭାରତୀୟ




ଜନତା ପାର୍ଟି ସହ ଅଛି। ଓଡ଼ିଶାବାସୀ ଏହି ଦଳ ମାଧ୍ୟମରେ ଓଡ଼ିଶାର ଭବିଷ୍ୟତ ଦେଖୁଛନ୍ତି। ଏଥିପାଇଁ ବିଜେପି ନିଷ୍ଠାର ସହ ଲୋକଙ୍କ ସେବା କରୁଛି। ଆଜିର କର୍ମଶାଳା ମାଧ୍ୟମରେ ବିଜେପି ତା'ର ସଂଗଠନକୁ ସର୍ବବ୍ୟାପୀ, ସର୍ବସ୍ପର୍ଶୀ କରାଇବା ପାଇଁ ପ୍ରୟାସ ଜାରି ରଖିଛି। ଦେଶ ଓ ରାଜ୍ୟର ବିକାଶରେ କାର୍ଯ୍ୟକର୍ତାଙ୍କ କିପରି ସହଯୋଗ ରହିବ ସେସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏଥିରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ବି.ଏଲ୍.ସନ୍ତୋଷ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉଷେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଜେପିର ଆଗାମୀ ଦିନର ରୋଡ ମ୍ୟାପ୍ ପ୍ରସ୍ତୁତ କରିଥିଲେ। ଏଥିସହ ସଂଗଠନକୁ ଆହୁରି ମଜଭୁତ କରିବା ଉପରେ କର୍ମଶାଳାରେ ଆଲୋଚନା କରିଥିଲେ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମଶାଳାରେ ସମସ୍ତ ରାଜ୍ୟ ପ୍ରଦାଧିକାରୀ, ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀ, ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ।

# ଉଚ୍ଚନ୍ୟାଳୟ ନ୍ୟାୟ ମୂର୍ତ୍ତି ଙ୍କୁ ସମ୍ବର୍ଦ୍ଧନା

**ନୟାଗଡ଼,୧୦/୧୨ (ନି.ପ୍ର):** ଗତ ସନ୍ଧ୍ୟା ରେ ଉଚ୍ଚ ନ୍ୟାଳୟ ର ନ୍ୟାୟ ମୂର୍ତ୍ତି ମୁରାହରି ଶ୍ରୀ ରମଣଙ୍କ ସହିତ ସହଧର୍ମିଣୀ ନୟାଗଡ଼ ର ଅଧିଷ୍ଠାତ୍ରୀଦେବୀ ମା ଦକ୍ଷିଣ କାଳୀ ଙ୍କ ମନ୍ଦିର କୁ ଆସି ପୂଜା ଅର୍ଚ୍ଚନା କରିବା ସହ ମା ଙ୍କ ଆଶ୍ରିବାଦ ଭିକ୍ଷା କରିଥିଲେ। ମନ୍ଦିର ପରିସର ରେ ମନ୍ଦିର ପରିଚାଳନା କମିଟି ର ସଭାପତି ସମାଜ ସେବୀ ପ୍ରମୋଦ ପଟ୍ଟନାୟକ ନ୍ୟାୟ ମୂର୍ତ୍ତି ଙ୍କ ସହ ଧର୍ମିଣୀ ଙ୍କୁ ଉତ୍ତରୀୟ ଓ ମା ଙ୍କ ଫୋଟୋ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନୟାଗଡ଼ ଜିଲ୍ଲା ଦୌରାଜଜ ଆନନ୍ଦଚନ୍ଦ୍ର ନାରାୟଣ ମହାରଣା, ନୟାଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ ଓ ଅନ୍ୟକ୍ଷ ନ୍ୟ ବିଚାରପତି ଙ୍କ ସମେତ ଓକିଲ ସଙ୍ଘ ସଭାପତି ଆଇନଜୀବୀ ରଣ ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ନ୍ୟାୟ ମୂର୍ତ୍ତି ମା ଙ୍କ ଦର୍ଶନ କରି ଆନନ୍ଦ ପ୍ରକଟକରିବା ସଂଗେ ସଂଗେ ମନ୍ଦିର ପରିଚାଳନା ସମ୍ପର୍କ ରେସବିଶେଷ ଖବର ନେଇ ଥିଲେ।



# ୨୭ ଗ୍ରାମର ହେରୋଇନ୍ ଜବତ : ନିଶା ବେପାରୀ ଗିରଫ

**ଜଗତସିଂହପୁର, ୧୦।୧୨ (ନି.ପ୍ର):** ପାରାଦୀପ ପୌରାଞ୍ଚଳସ୍ଥିତ ଲକପଡା ଅଞ୍ଚଳରେ ଚଢଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ପାରାଦୀପ ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୨୭ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ଲକପଡାର ଅମଜା ଖାନ୍ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ସମ୍ପର୍କ ରେ ପାରାଦୀପ ଅବକାରୀ ଥାନାକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପରେ ପାରାଦୀପ ଅବକାରୀ ଥାନାର ଉପନିରିକ୍ଷକ ଧର୍ମପଦ ଦାସଙ୍କ ନେତୁବରର ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ପାରାଦୀପ ଅବକାରୀ ଥାନାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ।



ଗିରଫ ଅଭିଯୁକ୍ତ ଜଣକ ହେଲେ ଲକପଡାର କାଦର ମହମ୍ମଦ ଖାନଙ୍କ ପୁଅ ଅମଜା ଖାନ(୩୪)। ଜବତ ହେରୋଇନ୍ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨,୭୦,୦୦୦ ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅତିରିକ୍ତ ଜିଲ୍ଲା ଦୌରାଜଜ କୁଜଙ୍ଗଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ। ବିଚାର ବିଭାଗୀୟ ହାଜ୍ କୁ ପଠାଇଛନ୍ତି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ରେ ଅନେକଗୁଡ଼ିଏ ମାମଲା ଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ। ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ। ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହା ପଛରେ କାମ କରୁଥିବା ସିଣ୍ଡିକେଟକୁ ଧରିବାକୁ ପ୍ରୟାସ ଆରମ୍ଭ କରିଛି ଅବକାରୀ ବିଭାଗ।

# କୁଇନି ଜେନାଙ୍କୁ କେନ୍ଦ୍ରାପଡା ତହସିଲଦାର ଭାବେ ନିଯୁକ୍ତ

**କେନ୍ଦ୍ରାପଡ଼ା,୧୦।୧୨ (ନି.ପ୍ର) :** କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳରେ ଡେପୁଟୀ କଲେକ୍ଟର ଭାବେ କାର୍ଯ୍ୟରତ କୁଇନି ଜେନାଙ୍କୁ ରାଜ୍ୟ ସରକାର କେନ୍ଦ୍ରାପଡା ତହସିଲଦାର ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ସୁଶ୍ରୀ ଜେନା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଂସ୍ଥା, ରାଜସ୍ୱ, ଜମି ଅଧିଗ୍ରହଣ, ଜରୁରୀକାଳିନ ଉପବିଭାଗର ଡେପୁଟୀ କଲେକ୍ଟର ଭାବେ ୨ବର୍ଷ ଧରି ନିଜର ଦାୟିତ୍ୱ ଅତ୍ୟନ୍ତ ଦକ୍ଷତା ଓ ନିଷ୍ଠାର ସହିତ ସମ୍ପାଦନ କରି ଆସିଥିବା ବେଳେ ମହାକାଳପଡାରେ ନିପ୍ପନ ଷ୍ଟିଲ ପାଇଁ ଜମି ଅଧିଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। କେନ୍ଦ୍ରାପଡାର ପୂର୍ବତନ ତହସିଲଦାର ପଦୋନ୍ନତି ପାଇ ଏଠାରୁ ବଦଳି ହୋଇଯିବା ପରେ ଦୀର୍ଘ ବର୍ଷ ଧରି ଖାଲି ପଡିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ସୁଶ୍ରୀ ଜେନାଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟୀ କଲେକ୍ଟର ତଥା ଭାରପ୍ରାପ୍ତ କେନ୍ଦ୍ରାପଡା ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କୁ ମହାକାଳପଡା ତହସିଲଦାର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ଗେଲ ଇଣ୍ଡିଆ ଲିମିଟେଡର ଓଏସଡି ଥିବା ବିଦ୍ୟାରଶ୍ମି ସାହୁଙ୍କୁ କେନ୍ଦ୍ରାପଡା ଜିଲ୍ଲା ଉପନିବନ୍ଧକ(ଡିଏସଆର) ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି।



# କିଟକୁ ମର୍ଯ୍ୟାଦାଜନକ ସିଆଇଆଇ ପୁରସ୍କାର

**ଭୁବନେଶ୍ୱର, ୧୦।୧୨ (ନି.ପ୍ର) :** ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ବର୍ଷର ଶ୍ରେଷ୍ଠ ସ୍ପୋର୍ଟ୍ସ ଷ୍ଟାଡିୟମ୍/ଏରେନା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ତୃତୀୟ ସିଆଇଆଇ ସ୍ପୋର୍ଟ୍ସ ବିଜନେସ୍ ଆୱାର୍ଡସ୍ ୨୦୨୫ରେ କିଟକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ବିକାଶରେ କିଟ୍‌ର ଉଲ୍ଲେଖନୀୟ ଅବଦାନ ଏବଂ ଭାରତରେ କ୍ରୀଡା ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ଦିଗରେ କିଟ୍‌ର ନିରନ୍ତର ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରେ। ୧୦ମ ସିଆଇଆଇ ସ୍କୋରକାର୍ଡ ୨୦୨୫ ସମାପ୍ତ ହୋଇଥିବା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ କିଟ୍‌କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ କେନ୍ଦ୍ର ମନ୍ତ୍ରୀ, ବରିଷ୍ଠ ସରକାରୀ ପଦାଧିକାରୀ, କର୍ପୋରେଟ୍ ନେତା ଏବଂ ଦେଶବ୍ୟାପୀ କ୍ରୀଡ଼ା ବିଶେଷଜ୍ଞମାନେ ଯୋଗ ଦେଇଥିଲେ। କିଟ୍‌ର ଅନୁକରଣୀୟ କାର୍ଯ୍ୟ ଏବଂ ଭାରତୀୟ କ୍ରୀଡ଼ା ଇକୋସିଷ୍ଟମ ଉପରେ ପରିବର୍ତ୍ତନକାରୀ ପ୍ରଭାବକୁ ସ୍ୱୀକାର କରି ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ଏହା ସହ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ଖେଳାଳିମାନଙ୍କ ପାଇଁ ମାନଦଣ୍ଡ ସୁବିଧା ସୃଷ୍ଟି କରିବାରେ ପ୍ରତିଷ୍ଠାନର ନିରନ୍ତର ପ୍ରୟାସ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ।



କ୍ରୀଡ଼ା କ୍ଷେତ୍ରରେ ନିରନ୍ତର ଉତ୍କର୍ଷତା ପାଇଁ କିଟ୍ ବହୁ ପ୍ରତିଷ୍ଠିତ ଜାତୀୟ ଓ ଅନ୍ତର୍ଜାତୀୟ ସମ୍ମାନ ଓ ସ୍ୱୀକୃତି ହାସଲ୍ କରିଛି। ବିଶ୍ୱବିଦ୍ୟାଳୟକୁ ୨୦୨୨ ଓ ୨୦୨୫ ଉଭୟରେ ସ୍ପୋର୍ଟଷ୍ଟାର ଆସେସ୍ ପୁରସ୍କାରରେ 'କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍ତମ ବିଶ୍ୱବିଦ୍ୟାଳୟ' ଭାବରେ ବିବେଚିତ କରାଯାଇଥିଲା। ସେହିପରି କ୍ରୀଡ଼ା ବିକାଶରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍‌କୁ ୨୦୨୨ରେ ଭାରତ ସରକାରଙ୍କ ପକ୍ଷରୁ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ମିଳିଥିଲା। ଏହା ବ୍ୟତୀତ କିଟ୍‌କୁ ସିଆଇଆଇ କ୍ରୀଡ଼ା ବିଜିନେସ୍ ଆୱାର୍ଡ ୨୦୨୩ରେ 'ଶ୍ରେଷ୍ଠ କ୍ରୀଡା ସୁବିଧା' ପୁରସ୍କାର ପ୍ରଦାନ କରାଯାଇଥିଲା। ଭାରତୀୟ କ୍ରୀଡ଼ା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୨୦୨୨ରେ କିଟ୍‌କୁ ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା

# ପେଟ୍ରୋଲ ପମ୍ପ ଡକାୟତି ଘଟଣାର ଫେରାର ଡକାୟତ ଗିରଫ

**ଅନୁଗୁଳ, ୧୦।୧୨ (ନି.ପ୍ର) :** କୁମଣ୍ଡ ପେଟ୍ରୋଲ ପମ୍ପ ଡକାୟତି ଘଟଣାର ଅନ୍ୟତମ ଫେରାର ଡକାୟତ କୁ ପୋଲିସ ଗିରଫ କରିଛି। ଏଥିନେଇ ଅନୁଗୁଳ ପୋଲିସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରେ ସମସ୍ତ ତଥ୍ୟ ଦେଇଥିଲେ ଅନୁଗୁଳ ଏସପି ରାହୁଲ ଜୈନ। ପୋଲିସ ସୂତ୍ର ରୁ ପ୍ରକାଶ ଗତ ଫେବୃଆରୀ ୨୪ ତାରିଖ ଅପରାହ୍ନ ରେ କୁମଣ୍ଡ ଚଣ୍ଡୀ ବଜାର ଶୁଭମ୍ କିଶନ ପେଟ୍ରୋଲ ପମ୍ପ ର ମ୍ୟାନେଜର ବଶିଷ୍ଠ କୁମାର ସାହୁ କର୍ମଚାରୀ ଙ୍କ ସହ ସ୍କୁଟି ରେ ଦଶ ଲକ୍ଷ ଟଙ୍କା ଧରି ଗାନ୍ଧୀ ମାର୍ଗ ସ୍ଥିତ ଏସବିଆଇ ବ୍ୟାଙ୍କ କୁ ଡିପୋଜିଟ କରିବାକୁ ଯାଉଥିବା ବେଳେ କିଛି ଯୁବକ ଗାନ୍ଧୀ ମାର୍ଗ ଶିଶୁ ମନ୍ଦିର ନିକଟରେ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ଟଙ୍କା ଧରି ଫେରାର ହୋଇ ଯାଇଥିଲେ। ଏଥିନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରି ୭ ଜଣ ଦୁର୍ବୃତ୍ତ ଙ୍କୁ ଧରିବା ସହିତ ୫ ଲକ୍ଷ ୨୫ ହଜାର ଟଙ୍କା ଜବତ କରିଥିଲା। ସେତେବେଳେ ଗିରଫ ହୋଇଥିବା ଯୁବକ ମାନେ ହେଲେ ଦିନେଶ ବେହେରା, ଲୁନା ବେହେରା, ଶାକସିଂହା, ସୌମ୍ୟ ରଂଜନ ସ୍ୱାଇଁ, ବିଦ୍ୟାପତି ନାୟକ, କୁମଣ୍ଡ, ନୀରୋଦ ବେହେରା, ମାଗୁଣି ନାୟକ, କୋଶଳା ଏବଂ ପେଟ୍ରୋଲ ପମ୍ପ କର୍ମଚାରୀ ହୃଦାନନ୍ଦ ସାହୁ ଙ୍କୁ ଗିରଫ କରାଯାଇଥିଲା ବେଳେ ଜଣେ ଫେରାର ଥିଲେ। ଗତ ଡ଼ିସେମ୍ବର ୯ ତାରିଖ ରେ ଫେରାର ଥିବା ଡକାୟତ କାଳିଆ ନାୟକ ପୁରୀ , ଦେବଗଡ, ଢେଙ୍କାନାଳ ଜିଲ୍ଲା ବୁଲିବା ପରେ ଶେଷରେ ଠାକୁରଗଡ଼ ଥାନ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ତା ଠାରୁ ୩ ଲକ୍ଷ ୪୦ ହଜାର ନଗଦ ଟଙ୍କା, ଗୋଟିଏ ଦେଶୀ ପିସ୍ତଲ ଜବତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଲୁଟ୍ ହୋଇଥିବା ମୋଟ ୧୦ ଲକ୍ଷ ଟଙ୍କାରୁ ୮ ଲକ୍ଷ ୬୫ ହଜାର ଟଙ୍କା ଉଦ୍ଧାର କରାଯାଇଛି। ଏହି ଚଢଉ ରେ ଇନ୍ସପେକ୍ଟର ଧିରେଶ କୁମାର ଦାସ, ଇନ୍ସପେକ୍ଟର ଆୟସ୍କାନ୍ତ ଜେନା, ଇନ୍ସପେକ୍ଟର ଗୋବିନ୍ଦ ଚନ୍ଦ୍ର ସାହୁ ଏବଂ ଅନ୍ୟ କର୍ମଚାରୀ ମାନେ ସାମିଲ ଥିଲେ। ଏସପି ଶ୍ରୀ ଜୈନ ଅନୁଗୁଳ ଜିଲ୍ଲା ପୋଲିସ ଜନସାଧାରଣ ଙ୍କ ଧନଜୀବନ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଅପରାଧୀମାନଙ୍କୁ କୌଣସି ହଲତରେ ଛଡା ଯିବା ନାହିଁ ବୋଲି ସେ ଚେତାବନୀ ଦେଇଥିଲେ।



# ବେଆଇନ ବାଲିଘାଟକୁ ନେଇ ଗୋଷ୍ଠୀ ସଂଘର୍ଷ

**ବଲାଙ୍ଗୀ, ୧୦।୧୨ (ନି.ପ୍ର):** ଭାର୍ଗବୀ ନଦୀରୁ ବେଆଇନ ବାଲି ଉତୋଳନ କୁ ନେଇ ନଦୀ ତଟବର୍ତି ବିଭିନ୍ନ ଗ୍ରାମ ମାନଙ୍କରେ ଏବେ ଆଇନ ଶୃଙ୍ଖଳା ପରିସ୍ଥିତି ବ୍ୟାହତ ହେବା ସାଙ୍ଗକୁ ଗାଁ ଗହଳିରେ ଅର୍ଥ କୁ ନେଇ ଅନର୍ଥର ମିବୁଣା ଚାଲିଛି। ଲଘୁ ଖଣିଜ ଜାତ ପଦାର୍ଥ ଓ ବେଆଇନ ବାଲି ଉତୋଳନ ସଂପୂର୍ଣ୍ଣ ଭାବେ ବନ୍ଦ କରିବା ସରକାରଙ୍କ ଆଭିମୁଖ୍ୟ ଥିବା ବେଳେ କେତେକ ଅସାଧୁ କର୍ମଚାରୀ ଙ୍କ ଯୋଗୁଁ ଏହା ଏବେ ବାଟବଣା ହେବାକୁ ଯାଉଛି । ଚୋରା ବାଲି ଉଠାଣକୁ ନେଇ କେତେକ ଗ୍ରାମରେ ଗୋଷ୍ଠୀ ସଂଘର୍ଷ ମଧ୍ୟ ପରିଲକ୍ଷିତ ହେଉଛି । ଯାହାକି ଆଗାମି ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଗୋଳମାଳିଆ କରିଦେବା ଆଶଙ୍କା ପ୍ରକାଶ ପାଉଛି । ଭାର୍ଗବୀ ନଦୀର ବଳଙ୍ଗା ଥାନା ଅନ୍ତର୍ଗତ ଉଗ୍ରେଶ୍ୱର ଦେଉଳି ବାଲିଘାଟକୁ କେନ୍ଦ୍ରକରି ମଙ୍ଗଳବାର ଦିନ ଏକ ଗୋଷ୍ଠୀ ସଂଘର୍ଷ ମଧ୍ୟ ଘଟିଯାଇଛି । ଯାହା ଫଳରେ ଉଭୟ ପକ୍ଷରୁ ୫ ଜଣ ଗୁରୁତର ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ଅଛନ୍ତି । ଏ ସମ୍ପର୍କରେ ବଳଙ୍ଗା ଥାନାରେ ୨ ଗୋଷ୍ଠୀ ପକ୍ଷରୁ ପରସ୍ପର ବିରୋଧୀ ୪ ଗୋଟି ଅଭିଯୋଗ କରାଯିବା ପରେ ବଳଙ୍ଗା ପୋଲିସ ଘଟଣାକୁ ଗୁରୁତ୍ୱର ସହ ତଦନ୍ତ ଜାରିରଖିଛି । ତେବେ ଘଟଣା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି । ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ମାମଲା ରୁଜୁ କରାଯାଇଛି । ତଦନ୍ତ ପରେ ଅଭିଯୁକ୍ତ ମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବଳଙ୍ଗା ଥାନା ଆଇ.ଆଇ.ସି ଦିବ୍ୟରନ ପଣ୍ଡା ପ୍ରକାଶ କରିଛନ୍ତି ।



# ଡ଼ଃ ବିଆର ଆମ୍ବେଦକରଙ୍କ ୬୯ ତମ ଶ୍ରଦ୍ଧାଞ୍ଜଳି ସଭା

**କନ୍ଧମାଳ, ୧୦।୧୨ (ନି.ପ୍ର) :** କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସାମାଜିକ ସଂଗଠନ ଜାଗ୍ରତ କନ୍ଧମାଳ ଓଡିଶା ପକ୍ଷରୁ ବାବା ସାହେବ ବିଶ୍ୱରତ୍ନ ଡ଼ଃ ବି ଆର ଆମ୍ବେଦକରଙ୍କ ୬୯ ତମ ପରି ନିର୍ବାଣ ଦିବସ ଗାନ୍ଧୀ ସ୍ମୃତି ଭବନ ଠାରେ ସଭାପତି ଅରୁଣ ନାୟକଙ୍କ ସଭାପତିତ୍ୱ ରେ ପାଳିତ ହୋଇଯାଇଛି। ସକାଳେ ସର୍ବ ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନ ଠାରେ ଆୟୋଜିତ ସ୍ମୃତି ସଭାରେ ଉଦଘାଟକ ଭାବେ ସରକାରୀ ଅଭିଯୋଜକ ପୂର୍ଣ୍ଣ ଚନ୍ଦ୍ର ନାଗ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ପିଏ ଆଇଟି ଡିଏ ଫୁଲବାଣୀ ଗଦାଧର ପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପିଏ ଆଇଟିଡିଏ ବାଲିଗୁଡାର କୃପାସିନ୍ଧୁ ବେହେରା ଯୋଗ ଦେଇଥିଲେ। ସେହିପରି ସଂମ୍ମାନିତ ଅତିଥି ଭାବେ ବାଲିଗୁଡା ମାନ୍ୟବର ବିଧାୟକ ଚକ୍ରମଣି କହଁର ଙ୍କ ପ୍ରତିନିଧି ସହଦେବ ପାତ୍ର ରଶ୍ମିତା ମହାନନ୍ଦ ସହ ନିର୍ଦ୍ଦେଶକ ଅଭିଯୋଜକ ନିର୍ଦ୍ଦେଶାଳୟ କନ୍ଧମାଳ, ବୌଦ୍ଧ ଜିଲ୍ଲା ଅନୁସୂଚିତ ଜାତି ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ସଭାପତି ନ କିଶୋର ଦୀପ,ବ୍ରାହ୍ମଣ ସାମାଜର କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମିଶ୍ର, ବରିଷ୍ଠ ସାମ୍ବାଦିକ ତଥା ଅନ୍ତର୍ଜାତୀକ ସଂସ୍ଥା ଭଏସ ଅଫ ମିଡ଼ିଆର ସଭାପତି ଶିବାନନ୍ଦ ପଟ୍ଟନାୟକ, କ୍ଷିପ୍ର ନ୍ୟାୟିକ ସଙ୍ଘ ସଭାପତି ସନ୍ତୋଷ କୁମାର ଦିଗାଲ, ବରିଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ବ୍ରଜ ବିହାରୀ ନନ୍ଦ, ମିଡ଼ିଆ ଫୋରମର ସଭାପତି ଡ଼ଃ ସୂର୍ଯ୍ୟ ନାରାୟଣ ବେହେରା, ଆଇନ ପରାମର୍ଶ ଦାତା ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ପଣ୍ଡା, ଆଂବେଦକର ସ୍ମୃତି କମିଟି କନ୍ଧମାଳ ର ମୁଖ୍ୟ ସଂଯୋଜକ ବିରେନ୍ଦ୍ର କହଁର ପ୍ରମୁଖ ମଞ୍ଚାସିନ ହୋଇ ଡ଼ଃ ଭୀମ ରାଓ ରାମୋଜୀ ଆମ୍ବେଦକରଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ। ଏହି ଅବସରରେ ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ମନ୍ଦିରର ପୂଜକ ମାନଙ୍କୁ ଏବଂ ସମାଜ ସଭାପତି, ପୌର ପରିଷଦର ସଫେଇ କର୍ମଚାରୀ ପ୍ରମୋଦିନ ବେହେରା, ମାନିନୀ ମୁଖି, ରୁନି ମୁଖି, ଚମ୍ପେଶ୍ୱରୀ ମେଘିଆ, ଅଞ୍ଜନ ରାଣୀ ମୁଖି, ଜନକେଶ୍ୱରୀ ମୁଖି,ସମାଜ ସେବୀ ଅକ୍ଷୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ପିପୁଲ୍ସ କଲେଜରେ ମାନବାଧିକାର ଦିବସ ପାଳନ ଓ ଆଲୋଚନାଚକ୍ର

**ବୁଗୁଡା, ୧୦।୧୨ (ନି.ପ୍ର):** ସ୍ଥାନୀୟ ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ମାନବାଧିକାର ଦିବସ ପାଳନ ସହିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଥିବା ବେଳେ ଏହାର ଶୀର୍ଷକ ହ୍ୟୁମାନ ରାଇଟ୍ସ ଏଜ୍ ଏଭ୍ରିଡେ ଏସେନ୍ସିଆଲ୍ ଏଣ୍ଡ୍ ଫ୍ୟୁଚର ପ୍ରୋସ୍ପେକ୍ଟସ୍ ରହିଥିଲା। କଲେଜର



ସାଧାରଣ ସଭାଗୃହରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଛାତ୍ରୀ ଆଶା ବିଷୋୟୀ,ଇପ୍ସିତା ସ୍ୱାଇଁ, କିରଣବାଳା ବିଷୋୟୀ ଓ ଲିପିକା ସ୍ୱାଇଁ ପ୍ରମୁଖ ଆଲୋଚନାଚକ୍ରର ସନ୍ଦର୍ଭ ପାଠ କରିଥିଲେ। ଏ ଅବସରରେ ମଞ୍ଚାସୀନ ବିଭାଗୀୟ ଅଧ୍ୟାପକ ଲୋକନାଥ ବେହେରା ଓ ପବିତ୍ର ଖଣ୍ଡୁଆଳ ପ୍ରମୁଖ ମାନବାଧିକାରର ଐତିହାସିକ ମୂଲ୍ୟବୋଧ ସମ୍ପର୍କରେ ବର୍ଣ୍ଣନା କରିବା ସହ ସଂପ୍ରତି କେତେକ କ୍ଷେତ୍ରରେ ମାନବାଧିକାରର ଅପବ୍ୟବହାର କାରଣ ଏବଂ ଏହାର ନିରାକରଣ ନିମନ୍ତେ ଆବଶ୍ୟକୀୟ ସମାଧାନ ପନ୍ଥାମାନ ସମ୍ପର୍କେ ମଧ୍ୟ ଆଲୋକପାତ କରିଥିଲେ। ଏଥି ସହ ୧୯୯୩ ମାନବିକ ଅଧିକାର ସୁରକ୍ଷା ଆଇନ ଅନୁସାରେ ସମଗ୍ର ଭାରତ ବର୍ଷରେ ତା'ର ନାଗରିକମାନଙ୍କୁ ପ୍ରଦାନ କରାଯାଇଥିବା କେତେକ ମାନବିକ ଅଧିକାର ସମ୍ପର୍କେ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ପରିଶେଷରେ ଛାତ୍ର ସୋମି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ

# ବାଳିକା ବିଭାଗରେ କଟକ ଓ ଭୁବନେଶ୍ୱର ଫାଇନାଲକୁ ଉନ୍ନୀତ

**ଜଗତସିଂହପୁର , ୧୦।୧୨ (ନି.ପ୍ର):** ଜଗତସିଂହପୁର ଜିଲ୍ଲାର ସାତୋଟି ଖେଳପଡିଆ ରେ ୩୧ଟି କ୍ରୀଡ଼ାଜିଲ୍ଲା ମଧ୍ୟରୁ ଆଜି ପଞ୍ଚମ ଦିବସରେ ୧୭ବର୍ଷରୁ କମ ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୩ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ବାଳକ ବିଭାଗରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ବଲାଙ୍ଗୀର ବନାମ ଯାଜପୁର ମଧ୍ୟ ରେ ଅନୁଷ୍ଠିତ ଲିଗ୍ ମ୍ୟାଚ୍ ରେ ଯାଜପୁର ୮ ୱିକେଟ୍ ରେ ବିଜୟ ଲାଭ କରି ଖୋର୍ଦ୍ଧା ସହ ଏକ କ୍ୱାଟରଫାଇନାଲ ମ୍ୟାଚ୍ ଖେଳି ଏଥିରେ ୬ ୱିକେଟ୍ ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଅଛି। ନନ୍ଦବ୍ରତ ଷ୍ଟାଡିୟମ ଠାରେ ଅନୁଷ୍ଠିତ ଗଜପତି ବନାମ ସମ୍ବଲପୁର ଲିଗ୍ ମ୍ୟାଚ୍ ରେ ଗଜପତି ୧୬ ରନ୍ ରେ ବିଜୟ ଲାଭ କରି ପୁରୀ ସହ ଏକ କ୍ୱାଟରଫାଇନାଲ ମ୍ୟାଚ୍ ଖେଳି ଏଥିରେ ୫ ୱିକେଟ୍ ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଅଛି। ସତୀ ଖେଳପଡିଆ ଠାରେ ନୂଆପଡ଼ା ବନାମ ପୁରୀ ମଧ୍ୟ ରେ ଏକ ଉତ୍କଣ୍ଠା ପୂର୍ଣ୍ଣ ଲିଗ୍ ମ୍ୟାଚ୍ ରେ ପୁରୀ ୧ରନ ରେ ବିଜୟ ଲାଭ କରିଅଛି। ନବରଙ୍ଗପୁର ଓ କେଉଁଝର ମଧ୍ୟରେ ଅନୁଷ୍ଠିତ କ୍ୱାଟର୍ ଫାଇନାଲ ମ୍ୟାଚ ରେ ନବରଙ୍ଗପୁର ୬୦ରନ୍ ରେ ବିଜୟ ଲାଭ କରି ସେମିଫାଇନାଲକୁ ଉନ୍ନୀତ ହୋଇଅଛି। ତର୍ତ୍ତଙ୍ଗ ମିନିଷ୍ଟାଡିୟମ ଠାରେ ଭଦ୍ରକ ବନାମ ଅନୁଗୁଳ ମ୍ୟାଚ୍ ରେ ଭଦ୍ରକ ୮ ୱିକେଟ୍ ରେ ବିଜୟ ଲାଭ କରିଥିଲା। ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆ ରେ ଗଞ୍ଜାମ ବନାମ ଢେଙ୍କାନାଳ ମ୍ୟାଚ୍ ରେ ଢେଙ୍କାନାଳ ୬ ୱିକେଟ୍ ରେ ବିଜୟ ଲାଭ କରିଥିଲା। ମାଲକାନଗିରି ବନାମ ଭଦ୍ରକ ମ୍ୟାଚ୍ ରେ ମାଲକାନାଗିରି ୫ ୱିକେଟ୍ ରେ ବିଜୟ ଲାଭ କରି ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଅଛି। ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୋଲିସ ବାରକ୍ଷକ ପଡିଆରେ କେଉଁଝର ବନାମ ନୁଆପଡା ମ୍ୟାଚ୍ ରେ କେଉଁଝର ୧୧୧ ରନ୍ ରେ ବିଜୟ ଲାଭକରିଥିଲା। କଟକ ବନାମ କେଉଁଝର ସେମିଫାଇନାଲ ମ୍ୟାଚ୍ ରେ କଟକ ୭୦ ରନ୍ ରେ ବିଜୟ ଲାଭ କରି ଫାଇନାଲ କୁ ଉନ୍ନୀତ ହୋଇଅଛି। ଜୟଦୁର୍ଗା ୟୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ଭୁବନେଶ୍ୱର ବନାମ ବାଲେଶ୍ୱର ସେମିଫାଇନାଲ ମ୍ୟାଚ୍ ରେ ଭୁବନେଶ୍ୱର ୧୩ ରନ୍ ରେ ବିଜୟ ଲାଭ କରି ଆସନ୍ତା କାଲି କଟକ ସହ ଫାଇନାଲ ମ୍ୟାଚ ଖେଳିବ। ଆସନ୍ତା କାଲି ବାଳକ ବିଭାଗର ଦୁଇଟି ସେମିଫାଇନାଲ ମ୍ୟାଚ ଯାଜପୁର ବନାମ ମାଲକାନଗିରି ଓ ଗଜପତି ବନାମ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ବିଜୟ ଲାଭ କରିଥିବା ଦୁଇ ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିଲାବେଳେ ବାଳିକା ବିଭାଗର କଟକ ଓ ଭୁବନେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଏହି ରାଜ୍ୟ ସ୍ତରୀୟ କ୍ରିକେଟ ପ୍ରତିଯୋଗିତା ର ଉଦଯାପନ ଉତ୍ସବ ଅନୁଷ୍ଠିତ ହେବ। ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରକ୍ଷୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡକ୍ରସ ସଂଗଠନ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା ବେଳେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଖେଳାଳି ଉପଭୋଗ କରିଥିଲେ।



# ବୁଗୁଡ଼ା ଅଞ୍ଚଳରେ ଘନଘନ ଚୋରି ଅଭିଯୋଗ

**ବୁଗୁଡ଼ା, ୧୦।୧୨ (ନି.ପ୍ର) :** ବୁଗୁଡ଼ା ଥାନା ଅଞ୍ଚଳରେ ଚୋରଙ୍କ ପ୍ରାର୍ଦୁଭାବ ବୃଦ୍ଧି ପାଇଥିବା ବେଳେ ଲୋକଙ୍କ ମଧ୍ୟରେ ଚୋରି ଭୟ ଘାରିଥିବା ଜଣାଯାଇଛି। ପ୍ରକାଶ ଯେ, ଗତ ମଙ୍ଗଳବାର ରାତିରେ ବାଲିପଦର ଫାଣ୍ଡି ଅନ୍ତର୍ଗତ ପଙ୍କଜପଲ୍ଲୀ ଗାଁ ନିକଟସ୍ଥ ବଡ଼ପଦାଠାରେ ଥିବା ନିଳାଞ୍ଚଳ ମହାନ୍ତିଙ୍କ ଗ୍ୟାରେଜରୁ ଚୋରି ହୋଇଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିବା ଜଣାଯାଇଛି। ଚୋର ଗ୍ୟାରେଜ୍ ତାଲା ଭାଙ୍ଗି ସେଠାରୁ ଏକ ହ୍ୟାଣ୍ଡ ଡ୍ରିଲ୍ ମେସିନ, ଟଙ୍କା ଏବଂ ପୋଷାକପତ୍ର ନେଇଯାଇଛି। ଅନ୍ୟପକ୍ଷରେ ଏକଡାଳ ଗ୍ରାମର ରାମେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଚୋରି ଶ୍ରଦ୍ଧାଳୁଙ୍କ ଦାନ ଅର୍ଥ ଚୋରି ହୋଇଥିବା ଅଭିଯୋଗ ହୋଇଛି।



ସେହିପରି ଝୋଲରୀ ଗାଁ ଛକରେ ଥିବା ମହେନ୍ଦ୍ର କୁମାର ପୋଲେଇଙ୍କ ସିମେଣ୍ଟ ଦୋକାନ, ଅମୂଲ୍ୟ ବିଷୋୟୀଙ୍କ ୱେଲଡିଙ୍ଗ୍ ଦୋକାନ, ବସନ୍ତ କୁମାର ସ୍ୱାଇଁଙ୍କ ଜନସେବା କେନ୍ଦ୍ରରୁ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ବୁଗୁଡା ଅଞ୍ଚଳରେ ଚୋରି ଏକ ସାଧାରଣ ଘଟଣା ପାଲଟିଥିବା ବେଳେ କାର୍ଯ୍ୟାନୁଷ୍ଠାନ ଶୂନ୍ୟ ହେତୁ ପୋଲିସର ପାରିବା ପଣିଆ। ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

